Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୦୭
Volum. - 22 ■ Issue No.- 07
Sunday ■ Balangir
ରବିବାର ■ ବଲାଙ୍ଗିର

# KOSHALA PRABAHA
# କୋଶଳ ପ୍ରବାହ

www.koshalaprabaha.com
R.N.I.No.: ODIODI/2000/03637 / ୧୯ ଡିସେମ୍ବର - ୨୫ ଡିସେମ୍ବର ୨୦୨୨ / 19 Dec. - 25 Dec. 2022 / Odia Weekly / 8 Pages / Rs.2/- only

## ୮୬ ଲକ୍ଷ ଗରିବ ବୃଦ୍ଧବୃଦ୍ଧା ଓ ନିରାଶ୍ରିତା ମହିଳାଙ୍କୁ ଜାନୁଆରୀ ୧ରୁ ଦୁଇଗୁଣ ଭତ୍ତା, ପାଇବେ ମାସକୁ ୧୦୦୦ ଟଙ୍କା



ଲକ୍ଷ୍ନୌ : ଉତ୍ତରପ୍ରଦେଶର ୮୬ ଲକ୍ଷ ଗରିବ ବୃଦ୍ଧା ଓ ନିରାଶ୍ରିତା ମହିଳା ଜାନୁଆରୀ ୧ରୁ ପ୍ରତି ମାସରେ ଏକ ହଜାର ଟଙ୍କା ଲେଖାଏଁ ଭତ୍ତା ପାଇବେ । ଏଥି ସହିତ, ଡିସେମ୍ବର ୧ରୁ ୧୧ ଲକ୍ଷ ଭିନ୍ନକ୍ଷମ ଏହି ସୁବିଧା ପାଇପାରିବେ । ସମସ୍ତେ ପ୍ରତ୍ୟେକେ ଏକ ହଜାର ଟଙ୍କା ଲେଖାଏଁ ଭତ୍ତା ପାଇବେ । ବର୍ତ୍ତମାନ ଏହି ଭତ୍ତା ମାସକୁ ୫୦୦ ଟଙ୍କା ଥିଲା । ଏଥିପାଇଁ ଆଦେଶ ଦିଆଯାଇଛି । ସପ୍ଲିମେଣ୍ଟାରୀ ବଜେଟରେ ଭତ୍ତା ରାଶି ବୃଦ୍ଧି କରିବାକୁ ଘୋଷଣା କରାଯାଇଥିଲା । ସାମାଜିକ କଲ୍ୟାଣ ବିଭାଗର ଆଦେଶରେ କୁହାଯାଇଛି ଯେ, କୋଭିଡ ମହାମାରୀ ସମୟରେ ମହଗା ଓ ମୁଦ୍ରାସ୍ଫୀତି ସ୍ଥିତି ସହ ଜଡିତ ସମସ୍ୟାକୁ ଦୃଷ୍ଟିରେ ରଖି ବୃଦ୍ଧାବୃଦ୍ଧ ଭତ୍ତା ରାଶି ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି । ବର୍ତ୍ତମାନ ୫୬ ଲକ୍ଷ ବୟସ୍କ ବ୍ୟକ୍ତି ଏହାର ଲାଭ ପାଇଛନ୍ତି । ଏଥି ସହିତ, ମହିଳା କଲ୍ୟାଣ ବିଭାଗର ମୁଖ୍ୟ ସଚିବ ଅନୀତା ସି ମେଶ୍ରାମଙ୍କ ଦ୍ୱାରା ଜାରି କରାଯାଇଥିବା ଆଦେଶରେ କୁହାଯାଇଛି ଯେ, ୨୦ ଲକ୍ଷ ଗରିବ ମହିଳାଙ୍କୁ ଭତ୍ତା ରାଶି ବୃଦ୍ଧି ଦେବା ପାଇଁ ଅତିରିକ୍ତ ୪୨୫.୨୫ କୋଟି ଟଙ୍କା ଆବଶ୍ୟକ ହେବ ।

## ବେଲପଡା ବ୍ଲକର ମୁନାପାଲି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭାରମ୍ଭ ସହ ୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ ସରୋଜ



ପାଟଣାଗଡ, (ନିପ୍ର) : ପାଟଣାଗଡ଼ ଉପଖଣ୍ଡ ବେଲପଡା ବ୍ଲକର ବିଭିନ୍ନ ଗ୍ରାମକୁ ବିଧାୟକ ସରୋଜ କୁମାର ମେହେର ଗତକାଲି ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି । ବେଲପଡା ବ୍ଲକର ମୁନାପାଲି ଗ୍ରାମର ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପକୁ ବିଧାୟକ ଶ୍ରୀ ମେହେର ଶୁଭାରମ୍ଭ କରିବା ସଙ୍ଗେ ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ୭ ଗୋଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

ଗ୍ରାମକୁ ଯାଇ ଲୋକଙ୍କ ଅସୁବିଧା ବୁଝିବା ସହ ଆଗାମୀ ଦିନରେ ଏହାର ସମାଧାନ ଯଥା ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ମେହେରଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଗ୍ରାମଗୁଡିକରେ ଲାଗି ରହିଥିବା ଅନେକ ସାମୁହିକ ସମସ୍ୟା ବିଷୟରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଗ୍ରାମବାସୀ । ଏଥିରେ ବିଜେଡି ଦଳୀୟ କର୍ମୀଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

## ମଣ୍ଡିରୁ ଜବତ ହେଲା ୩୭ କୁଇଣ୍ଟାଲ ଧାନ



ବରଗଡ଼, (ନିପ୍ର) : ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ଧାନ କ୍ରୟ କେନ୍ଦ୍ର(ମଣ୍ଡି)ରୁ ଗତକାଲି ଯୋଗାଣ ବିଭାଗ ୮୧ ପକେଟ୍ ଧାନ ଜବତ କରିଥିବା ଜଣାପଡିଛି । ସୂଚନା ଅନୁସାରେ ଜବତ ଧାନର ପରିମାଣ ୩୨ କୁଇଣ୍ଟାଲ ୯୦ କିଗ୍ରା ରହିଛି । ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) କର୍ମଚାରୀ ଶରତ ଚନ୍ଦ୍ର ହଂସଙ୍କଠାରୁ ତାହା ଜବତ ହୋଇଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି । ଜବତ ଧାନକୁ ନିକଟସ୍ଥ ହନୁମାନ ଫୁଡ୍ ପ୍ରଡ଼କ୍ଟସ୍ ରାଇସ ମିଲ ଜିମାରେ ରଖାଯାଇଛି । ଜିଲ୍ଲାପାଳ ମୋନିଷା ବାନାର୍ଜୀଙ୍କ ନିର୍ଦ୍ଦେଶ କ୍ରମେ ଯୋଗାଣ ବିଭାଗର ଏକ ଟିମ୍ ପହଞ୍ଚି ଧାନକୁ ଜବତ କରିଥିଲେ ।

ଜବତ ଧାନ କାହାର ଜଣାପଡ଼ି ନାହିଁ । ଏ ନେଇ ଯୋଗଣ ବିଭାଗ ଅଧିକ ତଦନ୍ତ କରୁଛି ।

## କଂଗ୍ରେସ ଭବନରେ ପଶି ଛାତ୍ର ନେତାଙ୍କୁ ମାଡ ଘଟଣା : ଏସ୍‌ପି ଅଫିସ ସମ୍ମୁଖରେ ଗର୍ଜିଲା ବଲାଙ୍ଗିର କଂଗ୍ରେସ



ବଲାଙ୍ଗିର, (ନିପ୍ର) : କଂଗ୍ରେସ ଭବନରେ ପଶି ଛାତ୍ର ନେତାଙ୍କୁ ମାଡ ମାରିବା ଘଟଣାକୁ ନେଇ ଏସ୍‌ପି ଅଫିସ ସମ୍ମୁଖରେ ଗର୍ଜିଛି ବଲାଙ୍ଗିର କଂଗ୍ରେସ । ବଲାଙ୍ଗିର କଂଗ୍ରେସ କହିଛି ଯେ, ବଲାଙ୍ଗିର ଜିଲ୍ଲାର ଝିଅ ମମିତା ମେହେର ହତ୍ୟା ଘଟଣାରେ ପୋଲିସର ଅନୁସନ୍ଧାନ ବାଟବଣା ହୋଇଛି । ଏଥିରେ ସଂପୃକ୍ତ ସରକାର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ନିଜେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ସରକାର ଘଣ୍ଟି ଘୋଡାଉଛି । ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଆନ୍ଦୋଳନ ତେଜିଛି । ଗତ ୧୦ ତାରିଖ ଦିନ ଓଡିଶା ପ୍ରଦେଶ ଛାତ୍ର କଂଗ୍ରେସ ତରଫରୁ ବିଧାନସଭା ଘେରାଓ କରାଯାଇଥିଲା । ଏଥିରେ ସରକାର ଏବଂ ତାର ଗୁଣ୍ଡା ସାଜିଥିବା ପୋଲିସ ବାହିନୀ ଛାତ୍ର ନେତାମାନଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି । କେବଳ ଏତିକିରେ ସୀମିତ ନ ରହି ପୋଲିସ ରାଜ୍ୟ କଂଗ୍ରେସର କାର୍ଯ୍ୟାଳୟକୁ ପଶି ସେଠାରେ ଉପସ୍ଥିତ ଥିବା ଛାତ୍ର ନେତା ଓ ନାରୀନେତ୍ରୀମାନଙ୍କ ମରାଣାନ୍ତକ ଆକ୍ରମଣ କରିଛି । ଏହା ଅତି ନିନ୍ଦନୀୟ ଏବଂ ଅଗଣତାନ୍ତ୍ରିକ ଅଟେ । କୌଣସି ବି ଆନ୍ଦୋଳନକୁ ପୋଲିସ ଲାଠି ଓ ବନ୍ଧୁକ ଦ୍ୱାରା ଦମନ କରିପାରିବ ନାହିଁ । ମମତା ନ୍ୟାୟ ପାଇବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ସ୍ଥାନୀୟ ଏସ୍‌ପି ଅଫିସ ସମ୍ମୁଖରେ ହୋଇଥିବା ପ୍ରତିବାଦ ସଭାରେ ବଲାଙ୍ଗିର ବିଧାୟକ ତଥା ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ନିଜ ବକ୍ତବ୍ୟ ମାଧ୍ୟମରେ ଚେତାବନୀ ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ସେ ଦିନ ଏପରି କୌଣସି ଘଟଣା ଘଟିନାହିଁ ଯାହା ଯୋଗୁଁ କି କଂଗ୍ରେସ ଦଳର ଛାତ୍ରନେତାମାନଙ୍କ ଉପରେ ଲାଠିଚାର୍ଜ କରାଯିବ । ପୋଲିସର ଏପରି ମାତ୍ରାଧିକ ବଳ

(ଦ୍ୱିତୀୟ ପୃଷ୍ଠା ଦେଖନ୍ତୁ)

## ରାଜସ୍ୱ ସେକ୍ରେଟାରୀଙ୍କୁ ଭେଟିଲା ପଦ୍ମପୁର ଓକିଲ ସଂଘ



ପଦ୍ମପୁର, (ନିପ୍ର) : ପଦ୍ମପୁର ଓକିଲ ସଂଘର ସଭାପତି ଗୌନ୍ତିଆ କୁମାର ସାହୁଙ୍କ ନେତୃତ୍ୱରେ ଓକିଲ ସଂଘର ଏକ ପ୍ରତିନିଧି ଦଳ ରାଜସ୍ୱ ସେକ୍ରେଟାରୀ ଆରଡିସି(ଏନ୍.ଡି.) ସମ୍ବଲପୁର ଡିଭିଜନ ଭିନସେଣ୍ଟ ପୁନମ୍ ଏକ୍କାଙ୍କୁ ଭେଟିଥିଲେ । ଏ ଅବସରରେ ଅଞ୍ଚଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପଦ୍ମପୁରରେ ଅତିରିକ୍ତ ଜିଲ୍ଲାପାଳଙ୍କ କେମ୍ପକୋର୍ଟ କରି ସମସ୍ୟା ଗୁଡ଼ିକର ଯଥାଶୀଘ୍ର ସମାଧାନ କରିବା ପାଇଁ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ହମିଦ୍ ସମୟର ବିକ୍ରିନାମା ଜନିତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ପଦ୍ମପୁର ତହସିଲ ଅଫିସରେ ସମାଧାନ କରିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ପଦ୍ମପୁର ସବକଲେକ୍ଟର୍ କୋର୍ଟକୁ ତ୍ୱରାନ୍ୱିତ କରିବା ପାଇଁ ମଧ୍ୟ ପଦ୍ମପୁର ଓକିଲ ସଂଘ ଅନୁରୋଧ କରିଥିଲେ ଏବଂ ଅଞ୍ଚଳର ଅନ୍ୟାନ୍ୟ ସମସ୍ୟା ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ରାଜସ୍ୱ ସେକ୍ରେଟାରୀ ଶ୍ରୀ ଏକ୍କା ଓକିଲ ସଂଘର ଦାବୀ ଉପରେ ବିଚାର କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏ ପ୍ରତିନିଧି ଦଳରେ ଓକିଲ ସଂଘର ସଂପାଦକ ପ୍ରଶାନ୍ତ କୁମାର ମାଝି, ସହସଂପାଦକ ଚିନ୍ମୟ କୁମାର ପଣ୍ଡା, ବରିଷ୍ଠ ଓକିଲ ଆନନ୍ଦ କୁମାର ପଣ୍ଡା, ଆଶିଷ କୁମାର ମିଶ୍ର, ଆଦିତ୍ୟ କୁମାର ରଥ ଏବଂ ରୋହିତ କୁମାର ଭୋଇ ପ୍ରମୁଖ ସାମିଲ ହୋଇଥିଲେ ।

## ୪ ବର୍ଷର ସନ୍ତାନକୁ ଛାଡି ପ୍ରେମିକ ସହିତ ଫେରାର୍ ହେବା ପରେ ଏବେ ପ୍ରତାରଣାର ଶିକାର ହେଲେ ମହିଳା

## ନବଜାତ ଶିଶୁ ସହ ଉତ୍ତର ପ୍ରଦେଶ ଲଳିତପୁର ଜିଲ୍ଲାରୁ ବିକ୍ରି ମହିଳା ପୋଲିସ ଦ୍ୱାରା ଉଦ୍ଧାର



ଆଗଲପୁର, (ନିପ୍ର) : ଆଗଲପୁର ବ୍ଲକ ରିନବଚନ ଗ୍ରାମର ଜଣେ ମହିଳାଙ୍କୁ ଉତ୍ତର ପ୍ରଦେଶ ରାଜ୍ୟର ଲଳିତପୁର ଜିଲ୍ଲା ସୋଜାନ ଥାନା ନିକୁରା ଗ୍ରାମରୁ ଆଗଲପୁର ପୋଲିସ ଉଦ୍ଧାର କରିବାରେ ସଫଳ ହୋଇଥିବା ସୂଚନା ମିଳିଛି ।

ସୂଚନା ଅନୁସାରେ ରିନବଚନ ଗ୍ରାମର ସତ୍ୟାନନ୍ଦ ଦୀପଙ୍କ ଝିଅ ଗୀତାଞ୍ଜଳି ଦୀପ ୫ ବର୍ଷ ତଳେ ସେହି ଗ୍ରାମର ସାର୍ତିକ ସୁଗ୍ରୀଙ୍କ ପୁଅ ଯୌତୁକ ସୁଗ୍ରୀକୁ ବିବାହ କରିଥିଲେ । ତାଙ୍କର ୪ ବର୍ଷର ଏକ କନ୍ୟା ସନ୍ତାନ ଅଛି, ହେଲେ ବିବାହିତ ମହିଳା ଜଣକଙ୍କ ସେହି ଗ୍ରାମର ଗର୍ଜନ ବାଗଙ୍କ ପୁଅ ରାଧାକାନ୍ତ ବାଗଙ୍କ ସହ ପ୍ରେମ ସଂପର୍କ ଗଢିଉଠିଥିଲା । ଉଭୟେ ୧୦ ମାସ ପୂର୍ବେ ରାତିରେ ଫେରାର ହୋଇଯିବା ସହ କିଛିଦିନ ତାଙ୍କ ଭିଣୋଇ ଘର ପଣ୍ଡରାଣୀ ଗ୍ରାମରେ ରହିବା ପରେ ବରଗଡ ଜିଲ୍ଲା ମେଲଛାମୁଣ୍ଡାରେ ଘର ଭଡାନେଇ ରହୁଥିଲେ । ସେଠାରେ ମହିଳା ଜଣକ ଗର୍ଭବତୀ ହେବା ପରେ ରାଧାକାନ୍ତ ଗର୍ଭପାତ କରିବା ପାଇଁ ବାରମ୍ବାର ଚେଷ୍ଟା କରିଥିଲେ । ମହିଳା ଜଣକ ରାଜି ନହେବାରୁ ରାଧାକାନ୍ତ, ତାଙ୍କ ଭିଣୋଇ ଓ ଭଉଣୀ ମିଶି ଷଡଯନ୍ତ୍ର ରଚି, ବାହାର ରାଜ୍ୟରେ ଚାକିରି ଲୋଭ ଦେଖାଇ, ସମ୍ବଲପୁର ନେଇ ଉତ୍ତର ପ୍ରଦେଶ ଲଳିତପୁରର ମୋହିତ କୁମାରଙ୍କୁ ଡାକି ପୀଡିତାଙ୍କୁ ଭଉଣୀର ପରିଚୟ ଦେଇଥିଲେ । ମୋହିତ କୁମାର ଏକ କମ୍ପାନୀର ମାଲିକ ଅଟନ୍ତି ତାଙ୍କ କମ୍ପାନୀରେ ଚାକିରି କରିବା ପାଇଁ ମିଥ୍ୟା ପ୍ରତିଶ୍ରୁତି ଦେଇ ଉତ୍ତର ପ୍ରଦେଶ ନେଇଯାଇଥିଲେ ।

ପୀଡିତାଙ୍କ ଅଭିଯୋଗ ଅନୁସାରେ ରାଧାକାନ୍ତ ସେଠାରେ କିଛି ଟଙ୍କାରେ ବିକ୍ରି କରି କୌଶଳ କ୍ରମେ ସେଠାରୁ ଫେରାର ମାରିଥିଲେ । ସମସ୍ତ ଘଟଣାର ଦଲାଲ ସାଜିଥିଲେ ସୁବର୍ଣ୍ଣପୁର ଜିଲ୍ଲା ଡୁଂଗୁରିପାଲି ଥାନା କନ୍ଦୁମୁଣ୍ଡାଗାଁର ଅନନ୍ତ ଦୀପ ବୋଲି କୁହାଯାଇଛି । ଯେତେବେଳେ ମୋହିତ କୁମାର ଜାଣିଲେ ମହିଳା ଜଣକ ଗର୍ଭବତୀ ଅଛନ୍ତି ତାଙ୍କୁ ଆଶ୍ରୟ ଦେଇଥିଲେ । କିଛିଦିନ ପରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ ମହିଳା ଜଣକ । ମହିଳାଙ୍କ ବାପା ଏହା ଜାଣିବା ପରେ ଲୋଇସିଂହା ଓ ଆଗଲପୁର ପୋଲିସରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଆଗଲପୁର ଫାଣ୍ଡି ଅଧିକାରୀ ଦେବାର୍ଚ୍ଚନ ମିର୍ଧା ଓ କନେଷ୍ଟବଳ ରବିନ୍ଦ୍ର ଧରୁଆ ଗତ ୮ ତାରିଖ ଉତ୍ତର ପ୍ରଦେଶର ଲଳିତପୁର ଯାଇ ଉତ୍ତର ପ୍ରଦେଶ ସୋଜାନ ଥାନା ପୋଲିସ ସହାୟତାରେ ନିକୁରା ଗ୍ରାମରୁ ଉଭୟ ନବଜାତ ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରି ଆଗଲପୁର ଆଣିଥିଲେ । ଅଭିଯୁକ୍ତ ବର୍ତମାନ ଫେରାର ଥିବାରୁ ଗିରଫ୍ କରାଯାଇ ନାହିଁ ଏବଂ ତଦନ୍ତ ଜାରି ରହିଥିବା ଆଗଲପୁର ପୋଲିସଠାରୁ ପ୍ରକାଶ । ପୀଡିତା ମହିଳା ଓ ତାଙ୍କ ବାପା ଦୋଷୀକୁ ଶୀଘ୍ର ଗିରଫ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବୀ କରିଛନ୍ତି । ଦେଖିବାକୁ ବାକି ରହିଲା କେତେ ଶୀଘ୍ର ପୋଲିସ ଫେରାର୍ ଅଭିଯୁକ୍ତକୁ ଧରିବାରେ ସଫଳ ହେଉଛି ।

# ବାରଣାସୀରେ କାଶୀ ବିଶ୍ୱନାଥ ଧାମ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରଣାସୀଠାରେ କାଶୀ ବିଶ୍ୱନାଥ ଧାମର ଉଦ୍ଘାଟନ କରିଛନ୍ତି । ସେ କାଳ ଭୈରବ ମନ୍ଦିର ଓ କାଶୀ ବିଶ୍ୱନାଥ ଧାମରେ ପ୍ରାର୍ଥନା କରିଥିଲେ । ସେ ମଧ୍ୟ ଗଙ୍ଗାନଦୀରେ ପବିତ୍ର ବୁଡ ପକାଇଥିଲେ । 'ନଗର କଟୁଆଳ' (ଭଗବାନ କାଳ ଭୈରବ)ଙ୍କୁ ପ୍ରଣାମ କରି ନିଜର ଉଦ୍‌ବୋଧନ ଆରମ୍ଭ କରିବା ସହ ତାଙ୍କ ଆଶୀର୍ବାଦ ବିନା କୌଣସି ବି ଘଟଣା ଘଟେ ନାହିଁ ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ପାଇଁ ତାଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଛନ୍ତି । ପୁରାଣରୁ ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯେକେହି କାଶୀରେ ପ୍ରବେଶ କଲାମାତ୍ରେ ସମସ୍ତ ଦାସତ୍ୱରୁ ମୁକ୍ତି ପାଇଥାନ୍ତି । "ଆମେ କାଶୀ ଆସିବା ମାତ୍ରକେ ଭଗବାନ ବିଶ୍ୱେଶ୍ୱରଙ୍କ ଅତିମାନସ ଶକ୍ତି ଆମର ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରାଇଥାଏ ।" ସେ କହିଥିଲେ ଯେ ସମ୍ପୂର୍ଣ୍ଣ ନୂତନ ବିଶ୍ୱନାଥଧାମ ପରିସର କେବଳ ଏକ ଭବ୍ୟ ପୀଠ ନୁହେଁ । ଏହା ଭାରତୀୟ ସନାତନ ସଂସ୍କୃତିର ଏକ ପ୍ରତୀକ । ଏହା ଆମ ଆଧ୍ୟାତ୍ମିକ ଆତ୍ମାର ପ୍ରତୀକ । ଏହା ଭାରତୀୟ କୀର୍ତ୍ତି ରାଜି ପରମ୍ପରାର ପ୍ରତୀକ ଓ ଭାରତ ଶକ୍ତି ଓ ଗତିଶକ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଯେ କେହିବି ଏଠାକୁ ଆସିଲେ ସେ କେବଳ ବିଶ୍ୱାସ କରିବ ନାହିଁ, ସେ ଅତୀତ ଗୌରବକୁ ମଧ୍ୟ ଅନୁଭବ କରିବ । କୀର୍ତ୍ତିରାଜି ଓ ନୂତନତ୍ୱ ଏକାଠି ହେଲେ କିପରି ? ପ୍ରାଚୀନ ପ୍ରେରଣା ଭବିଷ୍ୟତକୁ ଦିଗ୍‌ଦର୍ଶନ ଦେଇଛି କିପରି ? ଏହାକୁ ଆମେ ଖୁବ ଜୀବନ୍ତ ଭାବେ ବିଶ୍ୱନାଥ ଧାମ ପରିସରରେ ଦେଖୁଛୁ ବୋଲି ସେ କହିଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ପୂର୍ବରୁ ଏହି ମନ୍ଦିର କ୍ଷେତ୍ରଫଳ କେବଳ ତିନିହଜାର ବର୍ଗଫୁଟ ଥିଲା । ଯାହାକି ଏବେ ପାଞ୍ଚଲକ୍ଷ ବର୍ଗଫୁଟକୁ ବୃଦ୍ଧି ପାଇଛି । ଏବେ ୫୦ରୁ ୭୫ହଜାର ପର୍ଯ୍ୟନ୍ତ ଭକ୍ତ ମନ୍ଦିର ଓ ଏହାର ପରିସର ଦର୍ଶନ କରିପାରିବେ । ତାହା ହେଲା ପ୍ରଥମେ ମା' ଗଙ୍ଗାଙ୍କ ଦର୍ଶନ ଓ ସ୍ନାନ ଓ ସେଠାରୁ ସିଧାସଳଖ ବିଶ୍ୱନାଥଧାମ ଦର୍ଶନ ବୋଲି ସେ କହିଥିଲେ । କାଶୀର ମହିମା ସମ୍ପର୍କରେ ଶ୍ରୀ ମୋଦୀ କହିଥିଲେ ଯେ, କାଶୀର ବିନାଶ ନାହିଁ ଓ ଏହା ଭଗବାନ ଶିବଙ୍କ ପୃଷ୍ଠପୋଷକତାରେ ରହିଛି । ସେ ଏହି ଭବ୍ୟ ମନ୍ଦିର ପରିସର ନିର୍ମାଣ ପାଇଁ ପ୍ରତ୍ୟେକ ଶ୍ରମିକଙ୍କୁ ତାଙ୍କର ଅନ୍ତରର କୃତଜ୍ଞତା ଜ୍ଞାପନ କରିଥିଲେ । ସେ ସେମାନଙ୍କୁ ଭେଟିବା ସହ ସମ୍ବର୍ଦ୍ଧନା ମଧ୍ୟ ଜ୍ଞାପନ କରିଥିଲେ । କରୋନା ମଧ୍ୟ ସେମାନଙ୍କ କାର୍ଯ୍ୟ ବନ୍ଦ କରିପାରି ନ ଥିଲା । ଧାମର ନିର୍ମାଣ ଦିଗରେ କାର୍ଯ୍ୟ କରିଥିବା ଶ୍ରମିକମାନଙ୍କ ସହ ଶ୍ରୀ ମୋଦୀ ମଧ୍ୟାହ୍ନ ଭୋଜନ ମଧ କରିଥିଲେ । ପ୍ରଧାନମନ୍ତ୍ରୀ ମଧ୍ୟ କାରିଗରମାନଙ୍କୁ ପ୍ରଶଂସା କରିଥିଲେ । ଏଥିସହ ସେ ଉତ୍ତର ପ୍ରଦେଶ ସରକାର ଓ କାଶୀ ବିଶ୍ୱନାଥଧାମା ପ୍ରକଳ୍ପ ଶେଷ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆକ୍ରମଣକାରୀ ଆକ୍ରମଣ କରି ଏହି ନଗରୀକୁ ଧ୍ୱଂସ କରିବାକୁ ଚେଷ୍ଟା କରିଥିଲେ । ଏ ନଗରୀ ଆଉରଙ୍ଗଦେବଙ୍କ ଧ୍ୱଂସଲୀଳା ଓ ଅତ୍ୟାଚାର ଇତିହାସର ମୂକସାକ୍ଷୀ । ଯିଏ ଅସୀ ଦ୍ୱାରା ସଭ୍ୟତା ପରିବର୍ତ୍ତନ କରିବାର ଚେଷ୍ଟା କରିଥିଲା ଓ ଧର୍ମାନ୍ଧତା ଦ୍ୱାରା ସଂସ୍କୃତିକୁ ପଦାଘାତ କରିବାକୁ ଚେଷ୍ଟା କରିଥିଲା । ମାତ୍ର ଏହି ଦେଶର ମାଟି ବିଶ୍ୱର ଅନ୍ୟ ସ୍ଥାନଠାରୁ ଅଲଗା । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଉରେଙ୍ଗଦେବ ଥିଲେ ଓ ଶିବାଜୀ ମଧ୍ୟ ଥିଲେ । ଯେତେବେଳେ ସାହାର ମାସୁଦ ଆସେ, ସେତେବେଳେ ସାହସୀ ଯୋଦ୍ଧା ରାଜ୍ୟ ସୁହେଲଦେବ ଭାରତୀୟ ଏକତାର ରୂପ ଦେଖିବାକୁ ଦେଇଛନ୍ତି । ଏପରିକି କାଶୀବାସୀ ବ୍ରିଟିଶ ଶାସନ କାଳରେ ହେଷ୍ଟିଙ୍ଗସଙ୍କ ଅବସ୍ଥା ମଧ୍ୟ ଦେଖିଥିଲେ ବୋଲି ଶ୍ରୀ ମୋଦୀ କହିଥିଲେ ।

ପ୍ରଧାନମନ୍ତ୍ରୀ କାଶୀର ଗୁରୁତ୍ୱ ଓ ଔଜଲ୍ୟ ସମ୍ପର୍କରେ ବଖାଣିବାକୁ ଯାଇ କହିଥିଲେ ଯେ କାଶୀ କେବଳ ଏକ ଶବ୍ଦର ସମାହାର ନୁହେଁ, ଏହା ହେଉଛି ଏକ ଇନ୍ଦ୍ରିୟାନୁଭୂତି । କାଶୀ ହେଉଛି ସିଏ, ଯେଉଁଠି ଜାଗରଣ ହିଁ ଜୀବନ, କାଶୀ ସିଏ ଯେଉଁଠି ମୃତ୍ୟୁ ମଧ୍ୟ ଏକ ପର୍ବ, କାଶୀ ସିଏ ଯେଉଁଠି ସତ୍ୟ ହେଉଛି ସଂସ୍କୃତି, କାଶୀ ସିଏ ଯେଉଁଠି ପ୍ରେମ ଏକ ପରମ୍ପରା । ସେ କହିଥିଲେ ଯେ ବାରଣାସୀ ସେହି ସହର ଯେଉଁଠି ଜଗତଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀଡୋମରାଜାଙ୍କ ପବିତ୍ରତାରୁ ପ୍ରେରଣା ପାଇ ଦେଶକୁ ଏକଦା ସୂତ୍ରରେ ବାନ୍ଧି ରଖିବାକୁ ସଂକଳ୍ପ ନେଇଥିଲେ । ଏଠାରେ ଭଗବାନ ଶଙ୍କରଙ୍କ ପ୍ରେରଣାରେ ଗୋସ୍ୱାମୀ ତୁଳସୀଦାସ ନୈସର୍ଗିକ ସୃଷ୍ଟି ରାମଚରିତ ମାନସ ରଚନା କରିଥିଲେ । ଭଗବାନ ବୁଦ୍ଧଙ୍କ ଦିବ୍ୟଜ୍ଞାନ ଲାଭ ସନ୍ଦେଶ ସାରନାଥରୁ ପୃଥିବୀ ପୃଷ୍ଠର ବିଭିନ୍ନ ସ୍ଥାନକୁ ବ୍ୟାପି ଥିଲା । ସମାଜର ହିତ ପାଇଁ ସନ୍ଥ କବୀର ଦାସଙ୍କ ଆର୍ବିଭାବ ଏହିଠାରୁ ହୋଇଥିଲା । ଯଦି ସମାଜକୁ ଏକତ୍ର କରିବାରେ ପ୍ରଶ୍ନ ଆସେ, ତେବେ ଏହି କାଶୀ ହିଁ ସନ୍ଥ ରାଇଦାସଙ୍କ ଭକ୍ତିର କେନ୍ଦ୍ର ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ କାଶୀ ହେଉଛି ଚାରି ଜୈନ ତୀର୍ଥଙ୍କରଙ୍କ ଭୂମି ଯେଉଁମାନେ ଅହିଂସା ଓ ସଂଯମର ସାରସ୍ୱତ୍ୱ ଦେଇଥିଲେ । ରାଜା ହରିଶ୍ଚନ୍ଦ୍ରଙ୍କ ସାଧୁତାଠାରୁ ଆରମ୍ଭ କରି ବଲ୍ଲଭାଚାର୍ଯ୍ୟ ଓ ରାମାନନ୍ଦଙ୍କ ଜ୍ଞାନ । ଚୈତନ୍ୟ ମହାପ୍ରଭୁ , ସାମର୍ଥର ଗୁରୁ ରାମଦାସଙ୍କଠାରୁ ସ୍ୱାମୀ ବିବେକାନନ୍ଦ, ମଦନମୋହନ ମାଲବ୍ୟ କାଶୀର ପବିତ୍ର ମାଟି ମହାନ ଋଷି, ଆଚାର୍ଯ୍ୟ ଭଳି ଆସୁମାରୀ ମହାମାନବଙ୍କ ସ୍ଥାନ । ଶ୍ରୀ ମୋଦୀ କହିଥିଲେ ଯେ ଛତ୍ରପତି ଶିବାଜୀ ମହାରାଜ ଏଠାକୁ ଆସିଥିଲେ । ରାଣୀ ଲକ୍ଷ୍ମୀବାଈଙ୍କଠାରୁ ଚନ୍ଦ୍ରଶେଖର ଆଜାଦଙ୍କ ପର୍ଯ୍ୟନ୍ତ କାଶୀ ଅନେକ ମହାନ ଯୋଦ୍ଧାଙ୍କ କର୍ମଭୂମି ଥିଲା । ଜ୍ଞାନୀ ଭରତେନ୍ଦୁ ହରିଶ୍ଚନ୍ଦ୍ର, ଜୟଶଙ୍କର ପ୍ରସାଦ, ମୁନ୍ସୀ ପ୍ରେମଚାନ୍ଦ,ପଣ୍ଡିତ ରବିଶଙ୍କର ଏବଂ ବିସମିଲ୍ଲା ଖାଁ ଇତ୍ୟାଦି ହେଉଛନ୍ତି ଏହି ମହାନ୍ ନଗରୀର ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ କାଶୀ ବିଶ୍ୱନାଥ ଧାମକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ ଅର୍ଥ ହେଲା ଏହା ଭାରତକୁ ଏକ ନିଷ୍ପତିମୂଳକ ନିର୍ଦ୍ଦେଶ ଦେବ ଓ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବ । ଏହି ପରିସର ଆମ ସାମର୍ଥ୍ୟ ଓ କର୍ତବ୍ୟର ମୁକସାକ୍ଷୀ । ସଂକଳ୍ପ ଓ ଏକୀକୃତ ଭାବନା ଦ୍ୱାରା କିଛି ଅସମ୍ଭବ ନୁହେଁ । ପ୍ରଧାନମନ୍ତ୍ରୀ କହିଥିଲେ ଯେ "ଭାରତୀୟମାନଙ୍କ ଯେକୌଣସି ଅସମ୍ଭବ ଜିନିଷକୁ ସମ୍ଭବ କରି ଦେଖାଇବାର ଦକ୍ଷତା ରହିଛି । ଆମେ ତପସ୍ୟା ଜାଣିଛୁ, ପ୍ରାୟଶ୍ଚିତ ମଧ୍ୟ ଜାଣିଛୁ । କିପରି ଦେଶପାଇଁ ଦିନରାତି ପରିଶ୍ରମ କରିବାକୁ ହୁଏ ତାହା ମଧ୍ୟ ଜାଣିଛୁ । ସମସ୍ୟା ଯେତେ ବିରାଟ ହେଲେ ମଧ୍ୟ ଆମେ ଭାରତୀୟ ମାନେ ମିଳିମିଶି ତାର ସମାଧାନ କରିପାରିବୁ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ଭାରତ ତାର ହୃତ ଐତିହ୍ୟ ଫେରିପାଇଛି । ଏହି କାଶୀରେ ମାତା ଅନ୍ନପୂର୍ଣ୍ଣା ବାସ କରନ୍ତି । କାଶୀରୁ ଚୋରି ଯାଇଥିବା ମା' ଅନ୍ନପୂର୍ଣ୍ଣାଙ୍କ ପ୍ରତିମୂର୍ତ୍ତି ଶହେ ବର୍ଷର ପ୍ରତୀକ୍ଷା ପରେ ମଧ୍ୟ କାଶୀରେ ପ୍ରତିଷ୍ଠା ହୋଇଥିବାରୁ ସେ ଖୁସି ପ୍ରକଟ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭଗବାନ ମାନବ ଦେହଧରି ଆସିଥାନ୍ତି ଓ ତାଙ୍କ ପାଇଁ ପ୍ରତ୍ୟେକ ଭାରତୀୟ ଈଶ୍ୱରଙ୍କ ଅଂଶ । ସେ ଦେଶ ପାଇଁ ଦେଶବାସୀଙ୍କୁ ତିନିଟି ସଂକଳ୍ପ ନେବାକୁ କହିଥିଲେ-ସ୍ୱଚ୍ଛତା,ସୃଜନ ଓ ଆତ୍ମନିର୍ଭର ଭାରତ ନିମନ୍ତେ ନିରବଚ୍ଛିନ୍ନ ଉଦ୍ୟମ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ସ୍ୱଚ୍ଛତା ଏକ ଜୀବନଧାରା ଏବଂ ଜନସାଧାରଣଙ୍କୁ ନମାମି ଗଙ୍ଗେ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦୀର୍ଘଦିନର ଦାସତ୍ୱ ଆମର ଆତ୍ମବିଶ୍ୱାସକୁ ଏପରି ଭାଙ୍ଗି ଦେଇଛନ୍ତି ଯେ ଆମେ ଆମ ସୃଜନଶୀଳତା ଉପରୁ ମଧ୍ୟ ଆସ୍ଥା ହରାଇଛୁ । ଏହି ହଜାରବର୍ଷର ପ୍ରାଚୀନ କାଶୀରୁ ମୁଁ ପ୍ରତ୍ୟେକ ଦେଶବାସୀଙ୍କୁ ଆହ୍ୱାନ କରୁଛି, ସୃଜନ କର ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ, ଉଦ୍ଭାବନ କର ସମ୍ପୂର୍ଣ୍ଣ ଉଦ୍ଭାବନା ଭାବନା ନେଇ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ତୃତୀୟ ସଂକଳ୍ପ ହେଉଛି ଆତ୍ମନିର୍ଭରଶୀଳ ଭାରତ ପାଇଁ ଆମ ଉଦ୍ୟମକୁ ଆଗକୁ ବଢାଇବା । ୭୫ତମ ସ୍ୱାଧୀନତାର ଦିବସର ଏହି ଅମ୍ରିତ କାଳରେ ଭାରତ କିପରି ହେବ ଆମକୁ ସେଥିପାଇଁ କାର୍ଯ୍ୟ କରିବାକୁ ହେବ । ଆମକୁ ଦେଶ ଯେତେବେଳେ ଶତବାର୍ଷିକୀ ପାଳନ କରିବ ସେଥିପାଇଁ ମଧ୍ୟ କାର୍ଯ୍ୟ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ ଉପସଂହାରରେ କହିଥିଲେ ।





- ବିଶ୍ୱନାଥ ଧାମ କେବଳ ଏକ ଭବ୍ୟ ପୀଠ ନୁହେଁ, ଏହା ଭାରତୀୟ ସନାତନ ସଂସ୍କୃତିର ପ୍ରତୀକ । ଏହା ଆମ ଆଧ୍ୟାତ୍ମିକ ଆତ୍ମାର ପ୍ରତୀକ । ଏହା ଭାରତୀୟ କୀର୍ତ୍ତିରାଜି ଓ ପରମ୍ପରାର ପ୍ରତୀକ
- ପୂର୍ବରୁ ମନ୍ଦିରର କ୍ଷେତ୍ରଫଳ ଥିଲ । କେବଳ ୩୦୦୦ ବର୍ଗ ଫୁଟ : ଯାହାକି ଏବେ ପାଞ୍ଚ ଲକ୍ଷ ବର୍ଗଫୁଟକୁ ସମ୍ପ୍ରସାରିତ ହୋଇଛି । ବର୍ତ୍ତମାନ ୫୦ରୁ ୭୫ହଜାର ପର୍ଯ୍ୟନ୍ତ ଭକ୍ତ ମନ୍ଦିର ଓ ମନ୍ଦିର ବେଢା ପରିଦର୍ଶନ କରିପାରିବେ
- କାଶୀ ବିଶ୍ୱନାଥଧାମ ଉତ୍ସର୍ଗ ଭାରତକୁ ଏକ ନିଷ୍ପତିମୂଳକ ଦିଗ୍‌ଦର୍ଶନ ଦେବା ସହ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡକୁ ନେଇଯିବ । ଏହି ପରିସର ଆମ ସାମର୍ଥ୍ୟ ଓ କର୍ତ୍ତବ୍ୟର ସାକ୍ଷୀ । ସଂକଳ୍ପ ଓ ସମନ୍ୱିତ ଚିନ୍ତାଧାରା ଥିଲେ କିଛି ବି ଅସମ୍ଭବ ନୁହେଁ
- ମୋ ପାଇଁ ଈଶ୍ୱର ମଣିଷ ରୂପରେ ଆସନ୍ତି, ମୋ ପାଇଁ ପ୍ରତ୍ୟେକ ମଣିଷ ଈଶ୍ୱରଙ୍କ ଅଂଶବିଶେଷ । ମୁଁ ଦେଶବାସୀଙ୍କଠାରୁ ତିନିଟି ସଂକଳ୍ପ ଆଶା କରୁଛି- ସ୍ୱଚ୍ଛତା, ସୃଜନ ଓ ଆତ୍ମନିର୍ଭର ଭାରତ ନିମନ୍ତେ ନିରବଚ୍ଛିନ୍ନ ଉଦ୍ୟମ
- ଦୀର୍ଘଦିନର ଦାସତ୍ୱ ଆମର ଆତ୍ମବିଶ୍ୱାସକୁ ଏପରି ଭାଙ୍ଗି ଦେଇଛି ଯେ ଆମେ ଆମର ନିଜସ୍ୱ ସୃଜନଶୀଳତା ଉପରୁ ମଧ୍ୟ ଆସ୍ଥା ହରାଇଲୁ । ଏହି ହଜାର ବର୍ଷର ପ୍ରାଚୀନ କାଶୀରୁ, ମୁଁ ପ୍ରତ୍ୟେକ ଦେଶବାସୀଙ୍କୁ ଆହ୍ୱାନ କରୁଛି, ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସରଦେଶର ବିକାଶ ଯାତ୍ରାରେ ସହାୟତା କର
- କାଶୀ ବିଶ୍ୱନାଥ ଧାମ ନିର୍ମାଣରେ ନିୟୋଜନ ଶ୍ରମିକମାନଙ୍କୁ ସମ୍ବର୍ଦ୍ଧନା ଦେବା ସହ ସେମାନଙ୍କ ସହ ମଧ୍ୟାହ୍ନ ଭୋଜନ କଲେ ପ୍ରଧାନମନ୍ତ୍ରୀ

## ସଂପାଦକୀୟ

# ଅନୁନ୍ନତ ବଲାଙ୍ଗିର ପାଇଁ

ଅନେକ ବୁଦ୍ଧିଜୀବୀଙ୍କ ମୁହଁରେ ଏବେ ବଲାଙ୍ଗିରର ବିକାଶ ପାଇଁ ସ୍ୱର ଉତ୍ତୋଳନ ହେଉଛି । ଏହା ନିଶ୍ଚୟ ଭଲ ସୂଚନା । ବଲାଙ୍ଗିର ଜିଲ୍ଲାର କେତେକାଂଶରେ ଅନୁନ୍ନତ ଅବସ୍ଥା ହେତୁ ତର୍କ ବିତର୍କ ବି ଆରମ୍ଭ ହୋଇଯାଇଛି । ଏହା ଆହୁରି ଶୁଭଙ୍କର ସୂଚନା । ବଲାଙ୍ଗିରରେ ଅମକୁ ଅଛି, ସମୁକ ନାହିଁ । ସେଇଟା ଅଛି, ଏଇଟା ନାହିଁ.... ଆହୁରି କେତେ କ'ଣ ! ତେବେ ବାସ୍ତବରେ ଅନୁଧ୍ୟାନ କଲେ ଜଣାପଡୁଛି, ବଲାଙ୍ଗିରରେ ଗୋଟିଏ ଜିନିଷ ହିଁ ଅଛି ଏବଂ ସେହିଭଳି ଗୋଟିଏ ଜିନିଷ ହିଁ ନାହିଁ । ଏବେ ସମସ୍ତେ ଭାବୁଥିବେ, ସେଇଟା ପୁଣି କ'ଣ ? ସେଇଟା ସାଧାରଣ କଥା । ଏଇଟା ଆପଣମାନେ ବି ଜାଣନ୍ତି । ଏଠାରେ ସହିବା ପଣ ବହୁତ ପରିମାଣରେ ରହିଛି ଏବଂ ଗ୍ରହଣଶୀଳତା ଜମାରୁ ନାହିଁ । ଏହାକୁ ଟିକେ ଫଡ଼ା ଫଡ଼ା କରି ଟେବୁଲ୍ ଉପରେ ବିଛେଇ ଦେଲେ, ହୁଏତ ଆପଣମାନଙ୍କୁ ଆହୁରି ଫର୍ଚ୍ଚା ଲାଗିପାରେ ।

ଆମ ଘର ସାମ୍ନାରେ ତିଆରି ହେଉଥିବା ରାସ୍ତା ପାଇଁ କେତେ ଟଙ୍କା ଆସିଛି, କେଉଁ ଫଣ୍ଡରୁ କାମ ହେଉଛି, କେତେ କାମ ହେବ, କେଉଁ ପ୍ରକାରର କାମ ହେବ, ଏଥିରେ କ'ଣ କ'ଣ ସାମଗ୍ରୀ ଲାଗିବ... ଏସବୁ ସଂପର୍କରେ ଆମେମାନେ ଜାଣିବାକୁ ଅନେକାଂଶରେ ଚାହିଁ ନଥାଉ । ଯାହା ହେଲେ ବି ଚଳିବ । ଏପରିକି କିଏ ଜଣେ ଆସି ଆମ ଘର ସାମ୍ନାରେ ବିରାଟ ଏକ ପଥର ପକେଇ ଦେଲେ ବି 'ଆମର କ'ଣ ଯାଉଛି' ବୋଲି ବି ଆମେ କହି ଦେଇପାରୁ ନିସଂକୋଚରେ । ଏଇଟା ଗୋଟେ ନମୂନା ମାତ୍ର । ଏଭଳି ଅନେକ ଘଟଣା ଆମର ନିତିଦିନିଆ ଜୀବନରେ ଘଟି ଚାଲିଛି ଏବଂ ଆମେ ଆରାମ୍‌ରେ ସହୁଛୁ । ଏହା ଆମର ସହିବି ପଣ । ଆଉ କଥାଟି ହେଲା ଗ୍ରହଣଶୀଳତାର ଅଭାବ । ଆମେ ଦଳ କିମ୍ବା ଗୋଷ୍ଠୀ ପ୍ରତି ଏତେ ଦୁର୍ବଳ ଯେ, ସାମ୍ନାର ଦଳ କିମ୍ବା ଗୋଷ୍ଠୀ ଯଦି କୌଣସି ଜନମଙ୍ଗଳ କାମ ବି କରୁଥାଏ, ଆମେ ତାକୁ ସମର୍ଥନ କରିବା ନାହିଁ, କାଳେ ସେହି ଦଳ ବା ଗୋଷ୍ଠୀର ନାମ ହୋଇଯିବ ଭାବି । କାହାର ସୁଚିନ୍ତନକୁ ବି ଆମେ ଗ୍ରହଣ କରିବାରେ ଆଗ୍ରହୀ ନୋହୁଁ । କାଳେ ସେହି ସୁଚିନ୍ତନଟି ପରିପକ୍ୱ ହେବ ଏବଂ ସିଏ ନାଁ କରିଯିବ ଭାବି । ଓ୍ୱାଃ... ଏଇଟା ଆମର ଜିଲ୍ଲାର ସ୍ଥିତି କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ଆସନ୍ତୁ, ଆମେ ବଲାଙ୍ଗିର ଜିଲ୍ଲାବାସୀ ଆଜି ସଂକଳ୍ପ ନେବା, ଆମର ସହିବା ପଣକୁ କମ୍ କରିବା ଏବଂ ଗ୍ରହଣଶୀଳତା ଆମ ଭିତରେ ରୋଇବା ଏକ ସୁନ୍ଦର ବଲଙ୍ଗିର ଜିଲ୍ଲା ପାଇଁ ।

# କୁନି ଶିଶୁ ପ୍ରତିଭା : ରୁଦ୍ରାଂଶୀ



ଡେଲାଙ୍ଗ, (ନିପ୍ର) : କୁନି କୁନି ଓଠରେ ଖିଲି ଖିଲି ହସ । ବୟସ ମାତ୍ର ୧ ବର୍ଷ ୭ ମାସ । ଦୁନିଆଁ କଣ ସେ ବିଷୟରେ କିଛି ଜାଣେନି । ମାତ୍ର ଏହି ନିଷ୍ପାପ ଶିଶୁ କନ୍ୟାଟିର ଅଲୌକିକ ପ୍ରତିଭା ତଥା ବିଚକ୍ଷଣ ଧିଶକ୍ତି ଯୋଗୁଁ ସମ୍ପ୍ରତି ସେ ଇଣ୍ଡିଆ ବୁକ ଅଫ୍ ରେକର୍ଡସରେ ନିଜର ଏହି ବିରଳ କୃତିତ୍ୱ ପାଇଁ ନାମ ଅନ୍ତର୍ଭୁକ୍ତ କରିବାର ସୌଭାଗ୍ୟ ଅର୍ଜନ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି । ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଜଟଣୀ ଡମଣେଇଁ ଠାକୁରାଣୀ ମନ୍ଦିର ପଛ ପାର୍ଶ୍ୱରେ ଏହି ବୁଦ୍ଧିମତୀ ଶିଶୁକନ୍ୟାର ପିତା ଜ୍ୟୋତି ପ୍ରକାଶ ପାତ୍ର ଓ ମାତା ପଙ୍କଜିନୀ ବସବାସ କରନ୍ତି । ୨୦୨୦ ମସିହା ମାର୍ଚ୍ଚ ୨୯ରେ ଏହି ଶିଶୁକନ୍ୟା ରୁଦ୍ରାଂଶୀ ପାତ୍ର ତାଙ୍କ କୋଳମଣ୍ଡନ କରନ୍ତି । ତୁଳସୀ ଦୁଇ ପତ୍ରରୁ ବାସିବା ଭଳି ବୟସ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଶିଶୁଟିର ଅସାଧାରଣ ପ୍ରତିଭା ଓ ସ୍ମରଣଶକ୍ତି ପିତାମାତାଙ୍କୁ ବିସ୍ମିତ କରେ । ତାକୁ ମାତ୍ର ୧ବର୍ଷ ୭ମାସ ବୟସ ହୋଇଥିବା ବେଳେ ସଞ୍ଚାର(ଅନ୍ ଲାଇନ୍)ମାଧ୍ୟମରେ ହେଉଥିବା ପ୍ରତିଭା ପ୍ରଦର୍ଶନ ପ୍ରତିଯୋଗିତାରେ ରୁଦ୍ରାଂଶୀ ଅଂଶଗ୍ରହଣ କରି ଏବେ ଇଣ୍ଡିଆ ବୁକ ଅଫ୍ ରେକର୍ଡସରେ ନିଜ ନାମ ସ୍ଥାନୀତ କରିବାର ସୌଭାଗ୍ୟ ଅର୍ଜନ କରିଛି । ମନୁଷ୍ୟ ଶରୀରର ୧୭ଟି ଅଂଶ ଚିହ୍ନଟ କରିବା, ୫ ପ୍ରକାର ବିଭିନ୍ନ ରଙ୍ଗ, ୧୨ଟି ବିଭିନ୍ନ ଆଇଟମ, ୫ଟି ଯାନବାହନ, ୫ଟି ପଶୁ, ୫ଟି ଜାତୀୟ ଚିହ୍ନ ବିଷୟରେ ନିର୍ଭୁଲ ଭାବେ ଉତ୍ତର ଦେବା ସହ ଗୋଟିଏ ମୁଦ୍ରାରେ ୧୦ ପ୍ରକାର ଅଭିନୟର କଳାଚାତୁରୀ ପ୍ରଦର୍ଶନ କରିବା ଏବଂ ୪ଟି ପ୍ରାଣୀର ସ୍ୱରକୁ ନକଲ କରି ଅବିକଳ ଭାବେ ପରିବେଷଣ କରିବାର ଦକ୍ଷତା ପ୍ରତିପାଦନ କରିଥିବାରୁ ଇଣ୍ଡିଆ ବୁକ ଅଫ୍ ରେକର୍ଡସର ମୁଖ୍ୟ ସମ୍ପାଦକ ଡଃ ବିଶ୍ୱରୂପ ରାୟ ଚୌଧୁରୀଙ୍କଠାରୁ ଭାରତୀୟ ଡାକସେବା ଯୋଗେ ପ୍ରଶଂସା ପତ୍ର ରୁଦ୍ରାଂଶୀ ବାପାଙ୍କ ପାଖରେ ପହଞ୍ଚିଛି । ସୂଚନାଯୋଗ୍ୟ ଯେ, ସଞ୍ଚାର ମାଧ୍ୟମରେ ରୁଦ୍ରାଂଶୀର ପ୍ରତିଭା ପ୍ରଦର୍ଶନ ସମ୍ପର୍କରେ ବିରଳ କୃତିତ୍ୱ ନଭେମ୍ବର ୮ ତାରିଖ ୨୦୨୧ରେ ବିଚାରକ ମଣ୍ଡଳୀ ଦ୍ୱାରା ଉଚ୍ଚ ପ୍ରଶଂସିତ ଓ ସ୍ୱୀକୃତି ଲାଭ କରିଥିଲା ।

ରୁଦ୍ରାଂଶୀର ଏଭଳି ଅଲୌକିକ ପ୍ରତିଭା ପାଇଁ ସ୍ୱାଧୀନ ସେବା ସଂସ୍ଥାନ ପ୍ରତିଷ୍ଠାତା ତଥା ସମାଜସେବୀ ଶଶୀ ଶେଖର ରାୟ ଉଚ୍ଚ ପ୍ରଶଂସା କରିଥିବା ବେଳେ ଉପଯୁକ୍ତ ପ୍ରେରଣା ଓ ସୁଯୋଗ ମିଳିଲେ ଏହି ପ୍ରତିଭା ସମ୍ପନ୍ନ ଶିଶୁଟି ଆଗାମୀ ଦିନରେ ଜଣେ ସେଲିବ୍ରିଟି ହୋଇ ପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

## କଂଗ୍ରେସ ଭବନରେ ପଶି ..... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ପ୍ରୟୋଗ ଏବଂ ମରଣାନ୍ତକ ଆକ୍ରମଣ ଯୋଗୁଁ ଅନେକ ଛାତ୍ର ନେତା ଲହୁଲୁହାଣ ହୋଇଛନ୍ତି । ତେଣୁ ଏହି ଘଟଣା ଯୋଗୁଁ ଉକ୍ତ ଦିନ ପୋଲିସ ତରଫରୁ ମଗାଯାଇଥିବା କ୍ଷମା ଯଥେଷ୍ଟ ନୁହେଁ । ଏହି ଘଟଣା ପାଇଁ ଉପଯୁକ୍ତ ତଦନ୍ତ କରି ଯେଉଁ ଅଧିକାରୀ ଦାୟୀ ସେମାନଙ୍କୁ ସେମାନଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବିଧାୟକ ଶ୍ରୀ ମିଶ୍ର ଦାବୀ କରିଥିଲେ । ଜିଲ୍ଲା କଂଗ୍ରେସ ସଭାପତି ଦିଲିପ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭ୍ୟ ଉମାଶଙ୍କର ପଣ୍ଡା, ଜିଲ୍ଲା ସେବାଦଳ ମୁଖ୍ୟ ଅସୀତ ମିଶ୍ର, ଜିଲ୍ଲା କିଷାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ପଂଚାୟତିରାଜ ସଂଗଠନର ଅଜୟ ବାଲି, ଯୁବ କଂଗ୍ରେସ ସଭାପତି ପ୍ରେମ ପ୍ରକାଶ ମିଶ୍ର, ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ, ଟୁଲୁ ସେନ, ଅଜିତ ମହାନନ୍ଦ, ନିତେଶ ପଧାନ ପ୍ରମୁଖ ସରକାରଙ୍କ ପ୍ରରୋଚନାରେ ପୋଲିସର ଅମାନୁସିକ ଆକ୍ରମଣକୁ କଟୁ ସମାଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ସମସ୍ତ ଛାମୁଆ ସଂଗଠନ ଓ କାର୍ଯ୍ୟକର୍ତ୍ତା ଓ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ସ୍ୱଷ୍ଟ ଦିବାଲୋକରେ ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ



ଲୋଇସିଂହା, (ନିପ୍ର) : ସ୍ୱଷ୍ଟ ଦିବାଲୋକରେ ଡିକି ଭାଙ୍ଗି ଲୁଟି ନେଲେ ୧ ଲକ୍ଷ ଟଙ୍କା । ଏମିତି ଏକ ଲୁଟ ଘଟଣା ଘଟିଛି ଲୋଇସିଂହା ଥାନା ଅନ୍ତର୍ଗତ ଫାସଡ଼ଠାରେ । ଲୁଟର ଶିକାର ହୋଇଛନ୍ତି ପୁଇଁନ୍ତଲା ଥାନା ଅନ୍ତର୍ଗତ ଉମରିଆ ଗାଁର ପରମାନନ୍ଦ ପୁଟେଲ । ସୂଚନା ଅନୁଯାୟୀ ପରମାନନ୍ଦ ଓ ତାଙ୍କ ବାପା ଲୋଇସିଂହା ବ୍ୟାଙ୍କରୁ ୮୦ ହଜାର ଟଙ୍କା ଉଠାଇ ତାଙ୍କ ପାଖରେ ଥିବା ୨୦ ହଜାର ଟଙ୍କା ସହ ଡିକିରେ ଏକ ଲକ୍ଷ ଟଙ୍କା ନେଇ ଘରକୁ ଫେରିବା ସମୟରେ ଫାସଡ଼ ଗ୍ରାମ ସ୍ଥିତ ଏକ ଦୋକାନରୁ କିଛି ସମାନ କିଣିବା ପାଇଁ ଅଟକିଥିଲେ ।

ଠିକ୍ ଏହି ସମୟରେ ଏକ ବାଇକ୍ ଯୋଗେ ଦୁଇ ଜଣ ଯୁବକ ଆସି ଆଖି ପିଛୁଳାକେ ଗାଡି ଡ଼ିକି ଭାଙ୍ଗି ୧ ଲକ୍ଷ ଟଙ୍କା ନେଇ ଚମ୍ପଟ ମାରିଥିଲେ । ଏନେଇ ସଦାନନ୍ଦ ଲୋଇସିଂହା ଥାନାରେ ଏତଲା ଦେଇଛନ୍ତି । ଏତଲା ଅନୁସାରେ ଲୋଇସିଂହା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଜରିଆରେ ଘଟଣାର ତଦନ୍ତ ଜାରି ରଖିଛି ।

# ଯୁବା ସମବାୟ ସମିତି ଧାନ ମଣ୍ଡି : ଧାନ କିଣାରେ ମହାଦୁର୍ନୀତି ଅଭିଯୋଗ



ପାଟଣାଗଡ଼, (ନିପ୍ର) : ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡ଼ା ବ୍ଲକ ଯୁବା ସେବା ସମବାୟ ସମିତିରେ ମହା ଦୁର୍ନୀତି ଅଭିଯୋଗ କରି ଧାନ ବୋଝେଇ ଟ୍ରକକୁ ଛାଡ଼ିଲେନି ଚାଷୀ । ସୂଚନା ଅନୁସାରେ ଗତକାଲି ଚାଷୀଙ୍କ ଧାନ ଠିକ୍ ସମୟରେ ଉଠି ନଥିବାରୁ ଚାଷୀମାନେ ଓଆର୍୦୩ବି୨୮୮୯ ଟ୍ରକଟିକୁ ଦୀର୍ଘ ସମୟ ଧରି ଅଟକ ରଖିଛନ୍ତି । ଘଟଣାସ୍ଥଳକୁ ପାଟଣାଗଡ଼ ଏଏସ୍ଓସି ମାୟାଧର ସାହୁ ସମାଧନ କରିବାକୁ ଆସିଥିଲେ । ହେଲେ ଚାଷୀ ନାରାଜ୍, କାହିଁକି ନା ଗତବର୍ଷ ଏହି ଏସ୍ସିଏସ୍ ବହୁ ଦୁର୍ନୀତିରେ ଲିପ୍ତ ଥିବାର ସମସ୍ତ ଗଣମାଧମରେ ଖବର ପ୍ରକାଶ ପାଇଥିଲା । ଗତବର୍ଷର ଦୁର୍ନୀତିକୁ ଆଖି ଆଗରେ ରଖି ଚାଷୀମାନେ ଆଗରୁ ସଜାଗ ହୋଇ ଗାଡିକୁ ଅଟକ ରଖିଥିବା ସୂଚନା ମିଳିଛି । ଗତବର୍ଷ ୨୦୨୦ରେ ଏହି ଧାନ ମଣ୍ଡିରେ ବହୁ ଜାଲିଆତି କରି ଧାନ ବିକ୍ରି କରିଥିବା ଅଭିଯୋଗ ହୋଇଥିଲା । ଆଜି ପୁଣି ବେପାରୀମାନଙ୍କ ଧାନ ଉଠାଇବା ବେଳେ ଟ୍ରକକୁ ଚାଷୀ ବିପିନ ବରିହାଙ୍କ ନେତୃତ୍ୱରେ ଧର୍ମବୀର ସାହୁ, ଦେବାର ମେହେର, ନିତ୍ୟାନନ୍ଦ ଆଚାର୍ଯ୍ୟ, କଳାକାହ୍ନୁ ପୁଟେଲ, ଯୁବରାଜ ସାହୁ, ରୋହିତ ଦଣ୍ଡସେନା ପ୍ରମୁଖ ଟ୍ରକକୁ ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ଅଟକାଇ ରଖିଥିଲେ । ଯୁବା ସମବାୟ ସମିତି ଉପରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ଏବେ ବି ରହିଛି ଅନ୍ଧବିଶ୍ୱାସ : ଗୁଣି ଗାରେଡି ନେଲା ନାବାଳକର ଜୀବନ ବୋଲି ପରିବାର ଲୋକଙ୍କ ଅଭିଯୋଗ, ଗାଁରେ ଉତ୍ତେଜନା, ୩ ଘଣ୍ଟା ଧରି ପୁଲିସକୁ ଘେରିଲେ ଗାଁ ଲୋକେ



ଟିଟିଲାଗଡ଼, (ନିପ୍ର) : ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଥାନା ଲୁଥୁରବନ୍ଧ ଗାଁରେ ଗୁଣି ଗାରେଡି ସଂଦେହକୁ ନେଇ ଗାଁରେ ଉତ୍ତେଜନା ଦେଖିବାକୁ ମିଳିଛି । ଗାଁର ନାବାଳକ ନେତ୍ରାନନ୍ଦ ବାଗ(୧୫)ର ମୃତ୍ୟୁକୁ ନେଇ ଉତ୍ତେଜନା ଲାଗି ରହିଥିବା ବେଳେ ପରିବାର ଲୋକଙ୍କ ଅଭିଯୋଗ ଯେ, ତନ୍ତ୍ର ମନ୍ତ୍ର, ଗୁଣି ଗାରେଡିରେ ଯାଉଛି ଗୋଟାଏ ପରେ ଗୋଟାଏ ଜୀବନ । ଜଣେ ନାବାଳକଙ୍କର ଜୀବନ ଯାଇଥିବା ବେଳେ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ତେବେ ନାବାଳକର ମୃତ୍ୟୁର ଖବର ପାଇବା ପରେ ତଦନ୍ତ ପାଇଁ ଯାଇଥିବା ପୋଲିସ ଗାଡି ବି ସ୍ଥାନୀୟ ଲୋକେ ଅଟକ ରଖିଥିଲେ । ଲୋକେ ଗୁଣି ଗାରେଡି କରୁଥିବା ବ୍ୟକ୍ତି ଟଙ୍କ ବାଗଙ୍କୁ ଗିରଫ ପାଇଁ ଦାବୀ କରିଥିବା ବେଳେ ଆଇନ ଅନୁଯାୟୀ ପଦକ୍ଷେପ ନେବା ପାଇଁ ପ୍ରତିଶୃତି ଦେବା ପରେ ପୋଲିସ ଗାଡିକୁ ଛାଡିଥିଲେ । ଅଭିଯୋଗ ଅନୁଯାୟୀ, ଗୁଣି ଗାରେଡି ଯୋଗୁଁ ଜଣେ ନାବାଳକ ନେତ୍ରାନନ୍ଦ ବାଗର ମୃତ୍ୟୁ ଘଟିଛି । ଗାଁର ଟଙ୍କ ବାଗ ତନ୍ତ୍ର ମନ୍ତ୍ର ଗୁଣି ଗାରେଡି କରି ଏକ ମାସ ମଧ୍ୟରେ ଦୁଇ ଜଣଙ୍କ ଜୀବନ ନେଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଗତ କିଛି ଦିନ ଧରି ଗାଁରେ ଅନେକଙ୍କ ଜୀବନ ଯାଇଛି । ହେଲେ ଏହି ସବୁ ଘଟଣାରେ ଗାଁର ଜଣେ ତନ୍ତ୍ର ସାଧକଙ୍କ ହାତ ରହିଥିବା ଅଭିଯୋଗ କରିଛନ୍ତି ଗାଁ ଲୋକେ । ଗତକାଲି ରାତ୍ରିରେ ନେତ୍ରାନନ୍ଦ ବାଗ ନାମକ ଜଣେ ନାବାଳକର ମୃତ୍ୟୁକୁ ନେଇ ଅଶାନ୍ତ ହୋଇ ପଡିଛି ଗାଁ । ତେବେ ସମ୍ପୃକ୍ତ ଗୁଣି ଗାରେଡି କରୁଥିବା ସଂଦେହରେ ରହିଥିବା ବ୍ୟକ୍ତି ଟଙ୍କ ବାଗ ମୃତକଙ୍କ ପରିବାର ନାମରେ ଥାନାରେ ଏକ ମାମଲା ରୁଜୁ କରିବାରୁ ଆହୁରି ବ୍ୟାପକ ଉତ୍ତେଜନା ଦେଖା ଦେଇଥିଲା । ଗାଁ ଲୋକେ ପୋଲିସ ଗାଡିକୁ ଅଟକ ରଖି ସମ୍ପୃକ୍ତ ଗୁଣି ଗାରେଡି କରୁଥିବା ଲୋକଙ୍କୁ ଗିରଫ କରିବାକୁ ଦାବୀ କରିଥିଲେ । ଏମିତି କି ଉତ୍ୟକ୍ତ ଲୋକେ ସମ୍ପୃକ୍ତ ପରିବାର ଉପରେ ଆକ୍ରମଣ କରିବାକୁ ବି ପଛାଇ ନ ଥିଲେ । ହେଲେ ଭୟରେ ଘର କବାଟ ବନ୍ଦ କରି ସମ୍ପୃକ୍ତ ବ୍ୟକ୍ତି ଘରେ ରହିଯାଇଥିଲେ । ପୋଲିସ ଉତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବା ସହ ଶାନ୍ତ ରହିବାକୁ ବୁଝାଇବା ସହ ଘର ଆଗରେ ବ୍ୟାପକ ପୋଲିସ ମୁତୟନ କରିଥିଲା । ପରେ ଘଟଣାସ୍ଥଳରେ ଟିଟିଲାଗଡ଼ ଏସଡ଼ିପିଓ ସୁରେନ୍ଦ୍ର ନାଥ ଶତପଥୀ ପହଂଚି ପୋଲିସ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ପ୍ରତିଶୃତି ଦେବା ପରେ ପରିବେଶ କିଛିଟା ଶାନ୍ତ ପଡିଥିଲା । ତେବେ ଦିନକୁ ଦିନ ବଢି ଚାଲିଥିବା ନୂଆ ନୂଆ ଟେକ୍ନୋଲୋଜି ଆଡକୁ ସମୟ ମୁହାଁଉଥିବା ବେଳେ ଆଜିର ଆଧୁନିକ ଯୁଗରେ ବି ଅନ୍ଧବିଶ୍ୱାସ ମୁକ୍ତ ହୋଇ ପାରିନି ସମାଜ । ଏବେ ବି ଅନେକ ଲୋକ ବିଜ୍ଞାନ ଯୁଗରେ ଅନ୍ଧବିଶ୍ୱାସକୁ ବିଶ୍ୱାସ କରୁଛନ୍ତି । ତେବେ ଏହି ଘଟଣାରେ କେତେ ସତ୍ୟତା ରହିଛି ଓ କ'ଣ ରହିଛି ମୃତ୍ୟୁର କାରଣ, ତାହା ପୋଲିସର ତଦନ୍ତ ପରେ ଘଟଣାର ସତ୍ୟତା ସମ୍ନାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# କଳାକାର ଭତ୍ତା ପାଇଁ ଯୋଗ୍ୟ କଳାକାରଙ୍କ ଦକ୍ଷତା ପରୀକ୍ଷା ଅନୁଷ୍ଠିତ



ଡେଲାଙ୍ଗ, (ନିପ୍ର) : ପୁରୀ ଜିଲ୍ଲା ଡେଲାଙ୍ଗ ପଚାଂୟତ ସମିତି କାର୍ଯ୍ୟାଳୟ ପରିସେରେ ରାଜ୍ୟ ସରକାରଙ୍କ କଳାକାର ଭତା ପାଇବା ପାଇଁ ଦୁଇ ଦିନ ଧରି ଆବେଦନ କରଥିବା କଳାକାରମାନଙ୍କର ପ୍ରମାଣପତ୍ର ତନଖି ଓ ଦକ୍ଷତା (ଅଡିସନ୍) ପରିକ୍ଷା କରାଯାଇଥିଲା । ଡିସେମ୍ବର ୧୭,୧୮ତାରିଖରେ ଡେଲାଙ୍ଗ ପଚାଂୟତ ସମିତି ଅଧିନସ୍ଥ ୨୧ଟି ଗ୍ରାମ ପଚଂୟତର ରାଜ୍ୟ ସରକାରଙ୍କ କଳାକାର ଭତ୍ତା ପାଇବା ପାଇଁ ଆବେଦନ କରିଥିବା ୧୮୪ ଜଣ ପାଲା, ଦାସକାଠିଆ, ସର୍ଙ୍କିର୍ତ୍ତନ, ନାଟ୍ୟକାର ଆଦି କ୍ଷେତ୍ରରେ କଳାକାରଙ୍କ ପ୍ରମାଣପତ୍ର ତନଖି ଓ ଦକ୍ଷତା (ଅଡିସନ୍) ପରୀକ୍ଷା କରାଯାଇଥିଲା । ଏହି ଚୟନ ପକ୍ରିୟାରେ ସୁପରଭିଜନ ଓ ମନିଟେରୀଙ୍ଗ ଦାୟିତ୍ୱରେ ବିଡିଓ, ଏବିଡିଓ, ବିଇଓ, ତହସିଲଦାର ଓ ସିଡିପିଓ ଥିବା ବେଳେ ଅଡିସନ ଟେଷ୍ଟରେ ପ୍ରଫୁଲ୍ଲ ଚନ୍ଦ୍ର ମହାରଣା, ସୁବାଷ ଚନ୍ଦ୍ର ପ୍ରଧାନ, ପ୍ରଭଜଂନ ଭୋଳ, ଶ୍ରୀକାନ୍ତ ପ୍ରଧାନ, କାର୍ତ୍ତିକେଶ୍ୱର ପରିଡା, ସିଇଓ ତପନ କୁମାର ଦାଶ ଓ ଏବିଇଓ ଯୁଧିଷ୍ଠିର ପରିଡା ଦାୟିତ୍ୱରେ ରହିଥିଲେ । ସାମଗ୍ରିକ ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲିପ କୁମାର ଷଡଙ୍ଗୀ ଏହାର ତଦାରଖ କରିଥିଲେ ।

# ମନ୍ତ୍ରୀ ପ୍ରତାପ ଜେନାଙ୍କ ଗସ୍ତକୁ ବିରୋଧ : ବିଜେପି କର୍ମୀଙ୍କୁ ସଭାସ୍ଥଳରୁ ଉଠେଇ ନେଲା ପୋଲିସ



କନ୍ଧମାଳ, (ନିପ୍ର) : କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆରେ ପଞ୍ଚାୟତିରାଜ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଗସ୍ତକୁ କିଛି ବିଜେପି କର୍ମୀ ବିରୋଧ କରିବାରୁ ସଭାସ୍ଥଳ ପାଖରୁ ବିଜେପି କର୍ମୀଙ୍କୁ ଟେକିନେଲା ଫିରିଙ୍ଗିଆ ପୋଲିସ । କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବସଷ୍ଟାଣ୍ଡଠାରେ ହେବାକୁ ଥିବା ସଭା ଓ ମନ୍ତ୍ରୀ ପ୍ରତାପ ଜେନାଙ୍କ ଫିରିଙ୍ଗିଆ ଗସ୍ତକୁ ବିରୋଧ କରିବାରୁ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଗୋଲକ କହଁରଙ୍କ ସହ ଅନ୍ୟ କିଛି ବିଜେପି କର୍ମୀଙ୍କୁ ପୋଲିସ ସଭାସ୍ଥଳରୁ ଉଠେଇ ନେଇ ଥାନାରେ ଅଟକ ରଖିଛି । ତବେ ସଭା ଆରମ୍ଭ ହେବା ଆଗରୁ ବିଜେପି କର୍ମୀମାନେ କଳାପତାକା ଧରି ପ୍ରତିବାଦ କରିବା ପାଇଁ ସଭାସ୍ଥଳକୁ ଧସେଇ ପଶୁଥିବା ବେଳେ ପୋଲିସ ସଭାସ୍ଥଳ ନିକଟରୁ ବିଜେପି ନେତା ଓ କର୍ମୀଙ୍କୁ ଉଠେଇ ନେଇଥିଲା ।

# ଯୁବପିଢି ପାଇଁ ଉଦାହରଣ ପାଲଟିଲେ ପୋତାଶ୍ରୀୟା ବଢେଇ




ପଦ୍ମପୁର, (ନିପ୍ର) : ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ । ଖୁବ କମ୍ ବୟସରେ ଗରିବ ଏବଂ ଅସହାୟଙ୍କ ସେବାରେ ନିଜକୁ ସମର୍ପିତ କରିଛନ୍ତି ବରଗଡ ଜିଲ୍ଲା ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ ଅର୍ନ୍ତଗତ କୋକନରା ଗ୍ରାମର ପୋତଶ୍ରୀୟା ବଢେଇ । ବୟସ ମାତ୍ର ୨୧ ବର୍ଷ । ଯେଉଁ ବୟସର ପିଲାମାନେ ଏବେ ଖେଳକୁଦ, ମୋବାଇଲ, ବୁଲାବୁଲିରେ ସମୟ ଅତିବାହିତ କରୁଛନ୍ତି ସେହି ବୟସରେ ପୋତଶ୍ରୀୟା ଗରିବ ଏବଂ ଅସହାୟ ବୃଦ୍ଧ, ବୃଦ୍ଧାଙ୍କ ସେବାରେ ନିଜକୁ ସମର୍ପିତ କରି ଦେଇଛନ୍ତି । ନିଜ ଜେଜେବାପା ଅବସରପ୍ରାପ୍ତ ଶିକ୍ଷକ ଶଙ୍କର ବଢେଇଙ୍କଠାରୁ ଅନୁପ୍ରାଣିତ ହୋଇ ସେ ସମାଜ ସେବା କରି ଚାଲିଛନ୍ତି । ତାଙ୍କ କହିବା ମୁତାବକ ଆଜିର ବ୍ୟସ୍ତ ବହୁଳ ଯୁଗରେ ସମସ୍ତଙ୍କ ପାଖରେ ନିଜ ନିଜ ଲୋକଙ୍କ ପାଇଁ ସମୟ ଅଭାବ ଥିବା ହେତୁ ବାପା-ମାଁ, ଭାଇ ଭଉଣୀ, ଜେଜେବାପା, ଜେଜେ ମା ତଥା ନିଜ ସମ୍ପର୍କୀୟମାନଙ୍କ ସହିତ ସଂପର୍କରେ ଫାଟ ସୃଷ୍ଟି ହୋଇଛି । ଯେଉଁ ଗୁରୁଜନମାନେ ତାଙ୍କୁ ଛୋଟରୁ ବଡ କରିବା ପାଇଁ କେତେ ଯେ ବାଧା ବିଘ୍ନ ସହିଛନ୍ତି ସେମାନେ କାଦାଚିତ ଏକଥା ନ ଭୁଲନ୍ତୁ । ତାଙ୍କର ବାର୍ତ୍ତା ଏହିକି ଯେ, ସମସ୍ତେ ମିଳି ମିଶି ରୁହନ୍ତୁ ଏବଂ ନିଜ ଗୁରୁଜନମାନଙ୍କ ବୃଦ୍ଧାବସ୍ଥାରେ ସେମାନଙ୍କର ସାହାରା ହୁଅନ୍ତୁ । ଯଦି ସେମାନେ ଏପରି କରିବେ ତାଙ୍କ ଆଗାମୀ ପିଢି ମଧ୍ୟ ତାଙ୍କର ଚଳାପଥରେ ଅନୁପ୍ରାଣିତ ହେବେ । ପୋତଶ୍ରୀୟା ଜଣେ ମଧ୍ୟମ ପରିବାର ବର୍ଗର ଝିଅ ହେଲେ ମଧ୍ୟ ତାଙ୍କର ଏହି ବାର୍ତ୍ତା ଆଜି ସମାଜ ପାଇଁ ଏକ ମାଧ୍ୟମ ଯେ ଅସହାୟ ସମୟରେ ସଦାସର୍ବଦା ନିଜ ଗୁରୁଜନ ଏବଂ ବୃଦ୍ଧବୃଦ୍ଧାଙ୍କ ସେବା କରିବା ଉଚିତ୍ । ତାଙ୍କର ଏହି ଉଚ୍ଚ ମନୋଭାବକୁ ତାଙ୍କ ଗ୍ରାମର ଅଧିବାସୀମାନେ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ଆଗାମୀ ନିର୍ବାଚନ ପାଇଁ ସଜବାଜ : ପୋଟଲାମପୁର ଗ୍ରାମ ପଞ୍ଚାୟତରେ ବିଜେପିର ସମାବେଶ



ବ୍ରହ୍ମପୁର, (ନିପ୍ର) : ଛତ୍ରପୁର ବ୍ଲକ ଅନ୍ତର୍ଗତ ପୋଟଲାମପୁର ଗ୍ରାମ ପଞ୍ଚାୟତରେ ଛତ୍ରପୁର ନିର୍ବାଚନ ମଣ୍ଡଳୀର ବିଜେପି ପକ୍ଷରୁ ଆସନ୍ତା ଫେବୃୟାରୀ ମାସରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଦଳୀୟ ସଂଗଠନ ମଜବୁତ କରିବା ସହ ଦଳୀୟ ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଦଳୀୟ ସମର୍ଥନରେ ବିଜୟୀ ଲାଭ କରିବା ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର କର ଆହ୍ୱାନ କରିଥିଲେ । ଶ୍ରୀ କର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଗଞ୍ଜାମ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ଛତ୍ରପୁର ପ୍ରଭାରୀ ଡ଼. ସୁବାଷ ଚନ୍ଦ୍ର ସାହୁ, ପଦ୍ମ ଚରଣ ପରିଡା, ପଦ୍ମ ଚରଣ ସାହୁ, କଣମଣା ମଣ୍ଡଳ ସଭାପତି, ଜିଲ୍ଲା ସମ୍ପାଦକ ଲକ୍ଷ୍ମୀ ଚରଣ ପଣ୍ଡା, କୃଷକ ମୋର୍ଚ୍ଚା ଜିଲ୍ଲା ଉପସଭାପତି ଗଣପତି ବାରିକ, ବଉଳ ଗାଁ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ସେଠୀ, ଦୁର୍ଯ୍ୟୋଧନ ନାହାକ, ବିଜୟ ପରିଡ଼ା, ସୁରେନ୍ଦ୍ର ନାହାକ, ରବୀନ୍ଦ୍ର ନାହାକ, ଗୋପାଳ ପ୍ରହରାଜ ସମେତ ପ୍ରାୟ ୪୦୦ରୁ ଅଧିକ କର୍ମୀ ଉପସ୍ଥିତ ଥିଲେ ଆଗାମୀ ଦିନରେ ବିଜେପିର ସଫଳତା ପାଇଁ ସମସ୍ତେ ବଦ୍ଧପରିକର ହେବାକୁ ସଂକଳ୍ପ କରିଥିଲେ ।

# ହାତୀସ୍କ୍ୱାର୍ଡଙ୍କ ଅବହେଳା ଯୋଗୁଁ ହାତୀ ଉପଦ୍ରବ ବୃଦ୍ଧି ପାଉଥିବା ଅଭିଯୋଗ



ଲୋଇସିଂହା, (ନିପ୍ର) : ଲୋଇସିଂହା ଫରେଷ୍ଟ ରେଞ୍ଜରେ ଗତ କିଛିଦିନ ହେଲା ଅହେତୁକ ଭାବେ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି । ପୂର୍ବ ବର୍ଷ ଗୁଡିକ ତୁଳନାରେ ଚଳିତ ବର୍ଷ ହାତୀଙ୍କ ପ୍ରାଦୁର୍ଭାବ ସୀମା ଲଙ୍ଘନ କରିଛି । ହାତୀପଲଙ୍କ ଗତିବିଧି ବାବଦରେ ନିରନ୍ତର ବନପାଳ ଓ ବନରକ୍ଷୀଙ୍କୁ ସୂଚନା ଦେବା ସହିତ ଜନବସତି ନିକଟରୁ ସେମାନଙ୍କୁ ଘଉଡାଇବା ଦିଗରେ ହାତୀ ସ୍କ୍ୱାର୍ଡ ସଦସ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେବେ ହାତୀ ସ୍କ୍ୱାର୍ଡର କିଛି ସଦସ୍ୟ ଠିକ୍ ଭାବେ ସେମାନଙ୍କ ଦାୟିତ୍ୱ ନିର୍ବାହ କରୁନଥିବା ଅଭିଯୋଗ ହେଉଛି । ସେମାନଙ୍କ ଅବହେଳା ଯୋଗୁଁ ଗତ ୨୦ ଦିନ ମଧ୍ୟରେ ଲୋଇସିଂହା ଫରେଷ୍ଟ ରେଞ୍ଜରେ ପ୍ରାୟ ୧୯୦ ଲୋକଙ୍କ ଦୁଇ ଶହରୁ ଅଧିକ ଏକର ଜମିର ଧାନ ଫସଲ ନଷ୍ଟ ହୋଇଥିବା ଜଣାଯାଇଛି । ଏଥି ସହିତ ହାତୀ ଆକ୍ରମଣରେ ଜଣକର ମୃତ୍ୟୁ ମଧ୍ୟ ହୋଇଥିବା ଜଣାଯାଇଛି । ଫସଲ ତଥା ଧନଜୀବନ ହାନୀ ପାଇଁ ପ୍ରକାରାନ୍ତରେ ହାତୀସ୍କ୍ୱାର୍ଡ ସଦସ୍ୟଙ୍କ ଅବହେଳାକୁ ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି । ସ୍କ୍ୱାର୍ଡର କିଛି ସଦସ୍ୟ ସରକାରୀ "କେମ୍ପର" (ହାତୀ ଘଉଡାଇବା ପାଇଁ ଉଦ୍ଦିଷ୍ଟ ସରକାରୀ ଗାଡି) ଗାଡ଼ିରେ ମଦ ପିଇବା ପାଇଁ ମଦଭାଟି ନିକଟକୁ ଚାଲି ଯାଉଥିବା ଅଭିଯୋଗ ହେଉଛି । ଏପରିକି କିଛି ସଦସ୍ୟ ବିଭାଗୀୟ ଅଧିକାରୀଙ୍କ ବିନା ଅନୁମତିରେ ମନଇଚ୍ଛା ଡ୍ୟୁଟି କରିବା ସହିତ ବ୍ୟକ୍ତିଗତ କାମ ପାଇଁ ଚାଲି ଯାଉଥିବା ଅଭିଯୋଗ ହେଉଛି ।

ହାତୀସ୍କ୍ୱାର୍ଡର କେତେକ ସଦସ୍ୟ ବନବିଭାଗର କିଛି ବରିଷ୍ଠ ଅଧିକାରୀଙ୍କ ସମ୍ପର୍କୀୟ ହୋଇଥିବାରୁ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଭାଗ ପଛଘୁଞ୍ଚା ଦେଉଥିବା ଚର୍ଚ୍ଚା ହେଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି ।

## ଛିନ୍ଦେଇକେଲା ମଣ୍ଡିକୁ ନିଜ ଟୋକନ୍ ବିଷୟରେ ପଚାରି ବୁଝିବା ପାଇଁ ଆସିଥିବା ଚାଷୀ ଫେରିବା ସମୟରେ ମଣ୍ଡିଠାରେ ଅଚାନକ ମୃତ୍ୟୁ



ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ ଅନ୍ତର୍ଗତ ଛିନ୍ଦେଇକେଲା ଗ୍ରାମଠାରେ ଜାମସେଠ ସେବା ସମବାୟ ସମିତି ପକ୍ଷରୁ ଏକ ମଣ୍ଡିର ବ୍ୟବସ୍ଥା କରାଯାଇଛି । ଏହି ମଣ୍ଡିକୁ ଛିନ୍ଦେଇକେଲା ପାଖରେ ଥିବା ଟେମରିମାଲ ଗ୍ରାମରେ ବସବାସ କରୁଥିବା ପୂର୍ବତନ ଶିକ୍ଷକ ପ୍ରହଲ୍ଲାଦ ରାଉତ(୭୫) ପିତା କନ୍ଧୁରି ରାଉତ ତାଙ୍କ ଧାନ ବିକ୍ରୟ ଟୋକନ ବିଷୟରେ ବୁଝିବା ପାଇଁ ଆସିଥିଲେ । ସେ ନିଜ ଘରୁ ସକାଳ ୯.୩୦ ମିନିଟ ସମୟରେ ବାହାରି ଛିନ୍ଦେଇକେଲାଠାରେ କିଛି ସମୟ ଅତିବାହିତ କଲାପରେ ୧୧.୩୦ ମିନିଟ ସମୟରେ ଛିନ୍ଦେଇକେଲା ମଣ୍ଡି ଠାରେ ପହଞ୍ଚିଥିଲେ ।

ମଣ୍ଡିରେ ପହଞ୍ଚି ସେଠାରେ ଉପସ୍ଥିତ ଥିବା ଜାମେସେଠ୍ ପ୍ରାଥମିକ କୃଷି ସମବାୟ ସମିତିର କର୍ମଚାରୀଙ୍କୁ ତାଙ୍କ ଟୋକନ୍ ବିଷୟରେ ପଚାରିଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ ପ୍ରହଲ୍ଲାଦ ରାଉତଙ୍କ ନାମରେ ଆଗରୁ ଧାନ କାର୍ଡ ଆସୁଛି । ସେ ପ୍ରତିବର୍ଷ ପାଖାପାଖି ୩୦ରୁ ୪୦ କ୍ୱିଣ୍ଟାଲ ଧାନ ମଣ୍ଡିରେ ବିକ୍ରି କରିଥାନ୍ତି । କିନ୍ତୁ ଏହି ବର୍ଷ ମଣ୍ଡିରେ କେବଳ ୬ କ୍ୱିଣ୍ଟାଲ ୬୩ କିଗ୍ରା ଧାନ ବିକ୍ରି ପାଇଁ ଟୋକନ ଆସିଥିଲା । ଏହା ଜାଣିବା ପରେ ବହୁ ମାତ୍ରାରେ ରାଗି ଯାଇଥିଲେ ପ୍ରହଲ୍ଲାଦ । କେମିତି ବାକିତକ ଧାନ ବିକ୍ରି କରିବି ଭାବି ଓ ବହୁ ମାତ୍ରାରେ ରାଗି ଯିବା ଫଳରେ ପ୍ରହଲ୍ଲାଦଙ୍କ ରକ୍ତ ଚାପ(ବ୍ଲଡ଼ ପ୍ରେସର) ଅତ୍ୟଧିକ ବଢି ଯାଇଥିଲା । ରକ୍ତ ଚାପ ଅତ୍ୟଧିକ ବଢି ଯିବା ଫଳରେ ପ୍ରହଲ୍ଲାଦଙ୍କ ହାଟ ଆଟେକ୍ ହୋଇ ମୃତ୍ୟୁ ହୋଇଥାଇ ପାରେ ବୋଲି ଲୋକେ କହୁଛନ୍ତି । ଘଟଣା ବିଷୟରେ ଖବର ପାଇ ପାଇକମାଲ ଥାନା ଅଧିକାରୀ ଓ ତାଙ୍କ ସହକର୍ମୀ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରୁ ପହଂଚିଥିଲେ । ପ୍ରାଥମିକ ତଦନ୍ତ କରିବା ସହ ଶବକୁ ଜବତ କରି ଶବ ବ୍ୟବଚ୍ଛେଦ କରିବା ପାଇଁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ । ତାଙ୍କର ଗୋଟେ ପୁଅ ଓ ଗୋଟେ ଝିଅ ଅଛନ୍ତି । ତାଙ୍କ ପୁଅ ଖୋର୍ଦ୍ଧାରେ ରହିଥିବା ବେଳେ ସକାଳେ ସେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ସୂଚନା ମିଳିଛି । ପ୍ରହଲ୍ଲାଦଙ୍କ ଝିଅଙ୍କ ସ୍ୱାମୀ ଶବ ସାଙ୍ଗରେ ରହିଥିଲେ । ଶବ ବ୍ୟବଚ୍ଛେଦ ପରେ ଶବକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ପାଇକମାଲ ଥାନା ଅଧିକାରୀ ବିଶ୍ୱଜିତ ମନବୋଧ ସୂଚନା ଦେଇଛନ୍ତି । ବିଡମ୍ବନାର ବିଷୟ ଏହି କି ଯେ, ଜନସାଧାରଣ ତଥା ଅନ୍ୟ ଚାଷୀମାନେ କହିବା ହିସାବରେ ଆଗରୁ ପ୍ରହଲ୍ଲାଦ ରାଉତ ମଣ୍ଡିରେ ଧାନ ବିକ୍ରି କରିଆସୁଛନ୍ତି ଏବଂ ଆଗରୁ ତାଙ୍କ ନାମରେ ଧାନ କାର୍ଡ ମଧ ରହିଛି । କିନ୍ତୁ ଜାମସେଠ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ କହିବା ହିସାବରେ ପ୍ରହଲ୍ଲାଦ ରାଉତ ଏହି ବର୍ଷ ପ୍ରଥମ ଥର ପାଇଁ କାର୍ଡ ସକାଶେ ଆବେଦନ କରିଥିଲେ ଓ ସେ ଏହି ବର୍ଷ ପ୍ରଥମ ଥର ପାଇଁ ଧାନ କାର୍ଡ ପାଇଛନ୍ତି । ଏଠି ପ୍ରଶ୍ନ ଉଠୁଛି ଯେ, ସମ୍ପାଦକ ନିଜ ଭୁଲ ଲୁଚେଇବା ପାଇଁ ଏମିତି କହୁ ନାହାନ୍ତି ତ ? ଏହି ପ୍ରଶ୍ନର ଉତ୍ତର ବିଭାଗୀୟ ଅଧିକାରୀମାନଙ୍କ ପାଖରେ ଥାଇପାରେ ।

## ଭୁଟ୍ଟୋ ଏବଂ ସରିଫ ପରିବାର ପାକିସ୍ତାନକୁ ବର୍‌ବାଦ୍ କରିଛନ୍ତି : ଇମ୍ରାନ ଖାନ



ଇସ୍‌ଲାମାବାଦ : ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ତାଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଭୁଟ୍‌ଟୋ ଏବଂ ସରିଫ ପରିବାରକୁ ଦୁର୍ନୀତିକୁ ପ୍ରୋତ୍ସାହିତ କରିବା ସହ ପାକିସ୍ତାନକୁ ବର୍‌ବାଦ୍ କରିଥିବା ଅଭିଯୋଗ କରିଛନ୍ତି । ଶନିବାର ଦିନ ପାକିସ୍ତାନ ଟେଲିଭିଜନ (ପିଟିଭି)ରେ ପ୍ରସାରିତ ‘ଅଲ ଜଜିରା’ ନ୍ୟୁଜ ଚ୍ୟାନେଲକୁ ଦେଇଥିବା ଏକ ସାକ୍ଷାତକାରରେ ଇମ୍ରାନ ଖାନ କହିଛନ୍ତି ଯେ, ପାକିସ୍ତାନ ସମ୍ବଳରେ ଭରପୂର ଥିଲା କିନ୍ତୁ ଭୁଟ୍‌ଟୋ ଏବଂ ସରିଫ ପରିବାର ଏହାକୁ ଅପବ୍ୟବହାର କରିଥିଲେ । ପାକିସ୍ତାନ ତେହେରିକ-ଏ-ଇନସାଫ ଦଳର ମୁଖ୍ୟ ଇମ୍ରାନ ଖାନ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ପାର୍ଟି ପାକିସ୍ତାନ ମୁସଲିମ ଲିଗ ନୱାଜ (ପିଏମଏଲ-ଏନ) ଏବଂ ସ୍ୱର୍ଗତ ନେତା ବେନଜିର ଭୁଟ୍‌ଟୋଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)କୁ ସମାଲୋଚନା କରି କହିଛନ୍ତି ଯେ, ବଂଶବାଦୀ ପାର୍ଟିର ଦୁର୍ନୀତି ପାଇଁ ଦେଶର ଜନସାଧାରଣ ଆଜି ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେ କହିଛନ୍ତି ଯେ, ଦୁର୍ନୀତି ହେଉଛି ସବୁଠାରୁ ବଡ ଘାତକ ।

## ବଲାଙ୍ଗିର ନାରୀ ଶକ୍ତି ଫାଉଣ୍ଡେସନ ତରଫରୁ ଆନନ୍ଦ ନଗରଠାରେ ସଚେତନତା ସଭା ଅନୁଷ୍ଠିତ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ନାରୀ ଶକ୍ତି ଫାଉଣ୍ଡେସନ ତରଫରୁ ସ୍ଥାନୀୟ ଆନନ୍ଦ ନଗରଠାରେ ସ୍ୱାସ୍ଥ୍ୟ ରକ୍ଷା ଏବଂ ସ୍ୱାସ୍ଥ୍ୟ ରକ୍ଷା ବ୍ୟବସ୍ଥା ସମ୍ବନ୍ଧୀୟ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ନାରୀମାନଙ୍କୁ ସେନିଟରୀ ପ୍ୟାଡ୍ ବଣ୍ଟନ କରାଯିବା ସହ ଯେଉଁଠି ଆମେ କେମିତି ନିଜର ସ୍ୱାସ୍ଥ୍ୟର ସୁରକ୍ଷା ନେବା ସହିତ ଅନ୍ୟମାନଙ୍କ ମଧ୍ୟ ସ୍ୱାସ୍ଥ୍ୟର ସୁରକ୍ଷା ନେବା ସେ ସମ୍ବନ୍ଧରେ ସଚେତନ କରାଯାଇଥିଲା । ବିଶେଷତଃ ଏହି କୋଭିଡ-୧୯ ସମୟରେ ସ୍ୱାସ୍ଥ୍ୟର କିପରି ଯତ୍ନ ନେବା ଯେପରି :- ଥଣ୍ଡା ଦାଉରୁ ନିଜକୁ ରକ୍ଷା କରିବା, ମାକ୍ସ ପିନ୍ଧିବା, ଗହଳି ଜାଗାକୁ ନ ଯିବା, ବାହାରକୁ ଗଲେ ଦୂରତା ରକ୍ଷା କରିବା, ବାରମ୍ବାର ସାବୁନରେ ହାତ ଧୋଇବା, ନିଜେ ସଫା ସୁତୁରା ରହିବା ସହିତ ନିଜ ପରିବେଶକୁ ମଧ ସଫା ସୁତୁରା ରଖିବା, ତା’ ସହିତ ଜଣେ ନାରୀ ଋତୁସ୍ରାବ ସମୟରେ ହେଉଥିବା ବିଭିନ୍ନ ପ୍ରକାର ରୋଗରୁ କିପରି ସୁରକ୍ଷିତ ରହିବ ତାହା ମଧ ସଚେତନ କରାଯାଇଥିଲା ।

ଏଥିରେ ଫାଉଣ୍ଡେସନର ସଦସ୍ୟା ସରିତା ଦାସ, ସନ୍ତୋଷିନୀ ବେହେରା, ନୂତନ ସେହ୍ରିଆ, ସରିତା ବାଗ, ଶ୍ରାବଣୀ ମେହେର, ଜଗଦମ୍ବା ନାଏକ, ନୂତନ ଦାସ ଏବଂ ଅଙ୍ଗନୱାଡି ଦୀଦୀ ସଞ୍ଜିତା ନାଏକ ଉପସ୍ଥିତ ଥିଲେ ।

## ଭଙ୍ଗା କୁଡ଼ିଆରେ ବାସ କରୁଛନ୍ତି ବିଧବା ଯଶୋବନ୍ତି ଦାସ




ବଲାଙ୍ଗିର, (ନିପ୍ର) : ରାଜ୍ୟ ସରକାର ଗରିବ ଲୋକମାନଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି କିନ୍ତୁ ପ୍ରଶାସନିକ ଅଧିକାରୀମାନଙ୍କ ବେପରୁଆ ମନୋଭାବ ତଥା ସେବା ମନୋଭାବର ଘୋର ଅଭାବ ଯୋଗୁଁ ଆଜିବି ଅନେକ ଯୋଗ୍ୟ ହିତାଧିକାରୀ ଉକ୍ତ ଯୋଜନାମାନଙ୍କର ଲାଭ ଉଠେଇ ପାରୁନାହାନ୍ତି । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲାରେ । ଆଗଲପୁର ଡୁଡୁକା ବ୍ଲକ ଅନ୍ତର୍ଗତ ବାଇଗଣଖାରି ଗ୍ରାମର ଯଶୋବନ୍ତି ଦାସ ଜଣେ ବିଧବା ମହିଳା, ତାଙ୍କର ଦେଖାଶୁଣା କରିବା ପାଇଁ ମଧ କେହି ନାହାନ୍ତି । ବର୍ତ୍ତମାନ ସେ ଏକ ଭଙ୍ଗା କୁଡ଼ିଆରେ ଜୀବନ ଅତିବାହିତ କରିବାକୁ ବାଧ ହେଉଛନ୍ତି । ପକ୍କା ଘରଖଣ୍ଡେ ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅନେକ ସରକାରୀ କର୍ମଚାରୀଙ୍କଠାରେ ଶରଣ ପଶିଛନ୍ତି କିନ୍ତୁ କେହି ମଧ ତାଙ୍କୁ ସହାନୁଭୂତି ପ୍ରଦର୍ଶନ କରିନାହାଁନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନେକ ଅଯୋଗ୍ୟ ହିତାଧିକାରୀମାନେ ଘର ପାଇଥିଲେ ସୁଦ୍ଧା ଏଭଳି ଯୋଗ୍ୟ ହିତାଧିକାରୀମାନେ ବଞ୍ଚିତ ରହିବା ସରକାରୀ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହି ବିଧବା ମହିଳାଙ୍କ ନିମନ୍ତେ ଏକ ପକ୍କାଗୃହର ବ୍ୟବସ୍ଥା କରିବା ନିମନ୍ତେ ବିଜେପୁର ଅଞ୍ଚଳର ଜଣେ ଉଦ୍ୟମୀ ଯୁବକ ଆକାଶ କୁମାର ସାହୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କିଛି ମାସ ତଳେ ଅଭିଯୋଗ କରିଛନ୍ତି କିନ୍ତୁ ଆଗଲପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି । ତୁରନ୍ତ ଉକ୍ତ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ ସ୍ଥାନୀୟ ଲୋକମାନେ ଦାବୀ କରିଛନ୍ତି ।

## ଜାମ୍ମୁ ଓ କାଶ୍ମୀରରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ



ଶ୍ରୀନଗର : ଜାମ୍ମୁ ଓ କାଶ୍ମୀରରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟର ଜଣେ ଆତଙ୍କବାଦୀ ନିହତ ହୋଇଥିବା ଜଣାପଡିଛି । ପୋଲିସ ଦ୍ୱାରା ସଂଗୃହୀତ ନିର୍ଦ୍ଦିଷ୍ଟ ସୂଚନାକୁ ଆଧାର କରି ପୋଲିସ ଏବଂ ସିଆର୍‌ପିଏଫ୍‌ର ମିଳିତ ଏକ ଟିମ୍ ଶ୍ରୀନଗର ଜିଲ୍ଲା ହରୱାନ ଦରବାଗ ଧରା ଅଞ୍ଚଳରେ କର୍‌ଡନ୍-ଆଣ୍ଡ-ସର୍ଚ୍ଚ ଅଭିଯାନ ଆରମ୍ଭ କରିଥିଲେ ।

ତେବେ ଆତଙ୍କବାଦୀଙ୍କୁ କର୍ଡନ କରାଯାଉଥିବାରୁ ସେମାନେ ଗୁଳି ଚଳାଇଥିଲେ । ସୁରକ୍ଷାକର୍ମୀ ମଧ ପାଲଟାଗୁଳିନା ଚାଳନା କରିଥିଲେ । ଫଳରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଥିଲା । ନିହତ ହୋଇଥିବା ଆତଙ୍କବାଦୀ ଜଣେ ବିଦେଶୀ ବୋଲି ଜଣାପଡିଛି । ତାଙ୍କର ପ୍ରକୃତ ପରିଚୟ ଜାଣିବାକୁ ଉଦ୍ୟମ କରାଯାଉଥିବା ବେଳେ ସର୍ଚ୍ଚ ଅପରେସନ ଏବେବି ଚାଲିଛି ।

## ଘର ଭିତରେ ପଶି ଯୁବକଙ୍କୁ ନିର୍ମମ ହତ୍ୟା

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଗାନ୍ଧୀନଗରପଡାରେ ଏକ ଚାଂଚଲ୍ୟକର ହତ୍ୟା ଘଟଣା ଘଟିଥିବା ଦେଖିବାକୁ ମିଳିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘର ଭିତରକୁ ପଶି ଦୁଇ ଜଣ ଦୁର୍ବୃତ୍ତ ହତ୍ୟା କରି ଫେରାର ହୋଇଯାଇଥିବା କୁହାଯାଇଛି । ହତ୍ୟାର ଶିକାର ଯୁବକ ଜଣକ ହେଉଛନ୍ତି ଗାନ୍ଧୀନଗରପଡାର ଅରବିନ୍ଦ କୁମାର ସିଂ । ତାଙ୍କ ବୟସ ୩୭ ବୋଲି ଜଣାପଡିଛି । ଘରେ କେହି ନଥିବା ବେଳେ ସାନ୍ଧ୍ୟା ୬ଟାରେ ଦୁଇ ଜଣ ଦୁର୍ବୃତ୍ତ ଘରେ ପଶି ଯୁବକଙ୍କୁ ହତ୍ୟା କରି ଫେରାର ହୋଇଯାଇଛନ୍ତି । ଧାରୁଆ ଅସ୍ତ୍ରରେ ଅତି ନିର୍ମମ ଭାବେ ଘର ଭିତରେ ହତ୍ୟା କରାଯାଇଥିବା ଦେଖିବାକୁ ମିଳିଛି । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଭିତରେ ମୃତ ଦେହ ପଡିରହିଛି । ଖବର ପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । କେଉଁ କାରଣରୁ ହତ୍ୟାକାଣ୍ଡ ଘଟିଛି ତାହା ଅସ୍ପଷ୍ଟ ରହିଛି ।

## ଚାଲିଗଲେ ବରିଷ୍ଠ ସାମ୍ବାଦିକ ବନ ବିହାରୀ ମହାନ୍ତି



ଭୁବନେଶ୍ୱର, (ନିପ୍ର) : ଚାଲିଗଲେ ବରିଷ୍ଠ ସାମ୍ବାଦିକ ବନ ବିହାରୀ ମହାନ୍ତି । ତାଙ୍କ ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ବୟସ ହେଉଥିଲା । ସେ ଦୀର୍ଘ ଦିନରୁ ଅସୁସ୍ଥ ଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି । ବନ ବିହାରୀ ମହାନ୍ତି ଦୀର୍ଘ ଦିନ ଧରି ବିଭିନ୍ନ ଖବରକାଗଜ ଯଥା ପ୍ରଜାତନ୍ତ୍ର, ଇଷ୍ଟର୍ଣ୍ଣ ଟାଇମ୍ସ ଭଳି କିଛି ପ୍ରମୁଖ ଗଣମାଧ୍ୟମ ସଂସ୍ଥାରେ ସେ କାମ କରିଥିଲେ । ତାଙ୍କ ବିୟୋଗରେ ଗଣମାଧ୍ୟମ ଦୁନିଆରେ ଶୋକର ଛାୟା ଖେଳିଯାଇଛି ।

### ସହୀଦ ଯବାନ ଓ ସେନାଧକ୍ଷ ବିପିନ ରାୱତଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା

ଛତ୍ରପୁର, (ନିପ୍ର) : ଗତ ୮ ତାରିଖରେ ଆମ ଦେଶରେ ଘଟିଯାଇଥିବା ବିମାନ ଦୁର୍ଘଟଣାରେ ସେନାଧକ୍ଷ ବିପିନ ରାୱତଙ୍କ ସମେତ ୧୨ ଜଣ ଯବାନଙ୍କ ଦୁଃଖଦପୂର୍ଣ୍ଣ ମୃତ୍ୟୁ ଘଟଣାରେ ସମସ୍ତେ ମର୍ମାହତ । ଏନେଇ ଛତ୍ରପୁରସ୍ଥ ଶ୍ରୀରାମନଗର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ବିଦ୍ୟାଳୟର ଏନ୍.ସି.ସି. କ୍ୟାଡଟମାନଙ୍କ ଦ୍ୱାରା ସହର ପରିକ୍ରମା ପରେ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶଙ୍କ ଅଧକ୍ଷତାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା ।

## ୟୁଥ୍ ଏକ୍ସନ କମିଟି ତରଫରୁ ସଫେଇ ଅଭିଯାନ କାର୍ଯ୍ୟକ୍ରମ

ବଲାଙ୍ଗିର, (ନିପ୍ର) : ଆଜି ଦିନ ୧୦ଟା ସମୟରେ ବାନିପାଲି ୟୁଥ୍ ଏକ୍ସନ୍ କମିଟିର ସଭାପତି ସୁରେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ବାନିପାଲି ପଞ୍ଚାୟତ ଅନ୍ତର୍ଗତ ବିଅଁର ପାଲିଠାରେ ଏକ ସଫେଇ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ବାନିପାଲି ପଞ୍ଚାୟତର ବିଅଁରପାଲି ଠାରେ ଏକ ସଫେଇ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଗକୁ ମଧ ଏଭଳି କାର୍ଯ୍ୟକ୍ରମ ବିଭିନ୍ନ ପଞ୍ଚାୟତ, ଗ୍ରାମରେ କାର୍ଯ୍ୟକ୍ରମ କରାଯିବାର ନିଷ୍ପତ୍ତି ନିଆଯାଇଛି । ଆଜିର କାର୍ଯ୍ୟକ୍ରମକୁ ସଭାପତିତ୍ୱ କରିଥିଲେ ବଲାଙ୍ଗିର ୟୁଥ୍ ଏକ୍ସନ କମିଟିର ସଭାପତି ବିନୋଦ କାଲସାଏ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଏକ୍ସନ କମିଟିର ଆବାହକ ଗୋପାଳଜୀ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଉପସଭାପତି ମୁନା ପଟ୍ଟନାୟକ, ଉମେଶ ଗଡତ୍ୟା ଓ ସମ୍ପାଦକ ଗୋପାଳ ବିଶ୍ୱାଳ, ଅକ୍ଷୟ ନାଏକ, ରୁଦ୍ର ପ୍ରଧାନ, ତୁଷାର ଦୀପ, ଜିତେନ୍ଦ୍ର ଛତ୍ରିଆ, ପ୍ରେମ କିଶୋର ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ । ଶେଷରେ ଦେବାନନ୍ଦ ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରବାସୀ ଶ୍ରମିକମାନଙ୍କର ପିଲାମାନଙ୍କ ସୁରକ୍ଷା ଏବଂ ସେମାନଙ୍କ କଲ୍ୟାଣ ନିମନ୍ତେ ଦାଦନପ୍ରବଣ ଜିଲ୍ଲାମାନଙ୍କୁ ନେଇ ଏକ ଆଂଚଳିକ କର୍ମଶାଳା ଅନୁଷ୍ଠିତ



ବଲାଙ୍ଗିର, (ନିପ୍ର) : ଆଜି ଆନ୍ତର୍ଜାତୀୟ ପ୍ରବାସୀ ଶ୍ରମିକ ଦିବସ ଅବସରରେ ଓଡିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ତରଫରୁ ପ୍ରବାସୀ ଶ୍ରମିକମାନଙ୍କର ପିଲାମାନଙ୍କ ସୁରକ୍ଷା ଏବଂ ସେମାନଙ୍କ କଲ୍ୟାଣ ନିମନ୍ତେ ଦାଦନପ୍ରବଣ ଜିଲ୍ଲାମାନଙ୍କୁ ନେଇ ଏକ ଆଂଚଳିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାକୁ ଉଦ୍‌ଘାଟନ କରି ଓଡିଶା ସରକାରଙ୍କ ଶିଶୁ ଓ ମହିଳା ବିକାଶ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ କହିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶା ସରକାର ପ୍ରବାସୀ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ପ୍ରବାସୀ ଶ୍ରମିକମାନଙ୍କ ପାଇଁ ହେଲ୍ପଡେସ୍କ, ସେମାନଙ୍କ ପିଲାମାନଙ୍କ ଶିକ୍ଷା ଏବଂ ଯତ୍ନ, ଉଦ୍ଧାର ଓ ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବାର ବ୍ୟବସ୍ଥା କରାଯାଇଛି । ଏଡଏଟ ଆକ୍ସନର ନିର୍ଦେଶକ ଉମି ଡାନିଏଲ ନିଜର ମତ ରଖି କହିଲେ କି, ବର୍ତମାନ ମହିଳା ଏବଂ ଶିଶୁ ବିକାଶ ବିଭାଗ, ୟୁନିସେଫ ଏବଂ ଏଡ଼ଏଟ ଆକ୍ସନ ସହଯୋଗରେ ନୂଆପଡା, ବରଗଡ଼ ଏବଂ ବଲାଙ୍ଗିର ଜିଲ୍ଲାରେ ଦାଦନ ଶ୍ରମିକ ପିଲାମାନଙ୍କର ଟ୍ରାକିଂ ଏବଂ ଅନ୍ୟାନ୍ୟ ସରକାରୀ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତି କରିବା ନିମନ୍ତେ ଏକ ପାଇଲଟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କର ଅସହାୟତା ଆକଳନ କରାଯିବା ସହିତ ଏହାର ସମାଧାନ ନିମନ୍ତେ ଗ୍ରାମସ୍ତରୀୟ ଯୋଜନା ପ୍ରସ୍ତୁତ କରାଯାଉଛି । ଏହାଫଳରେ ଆମେ ଆଶା କରୁଛୁ ଯେ ପ୍ରବାସୀ ଶିଶୁମାନଙ୍କ ସମସ୍ୟାର ସମାଧାନ ହେବା ସହିତ ଶିଶୁଶ୍ରମିକ, ଶିଶୁଚାଲାଣ, ବାଲ୍ୟ ବିବାହ ଆଦି ସମସ୍ୟାର ନିରାକରଣ ହୋଇପାରିବ । ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା କହିଥିଲେ ଯେ ଜିଲ୍ଲା ପ୍ରଶାସନ ଅଭାବରେ ପଡି ଯାଉଥିବା ଦାଦନ ପରିବାରକୁ ଚିହ୍ନଟ କରି ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରୁଛନ୍ତି । ୟୁନିସେଫର ଶିଶୁ ସୁରକ୍ଷା ବିଶେଷଜ୍ଞ ନେହା ନାଇଡୁ କହିଲେ ଯେ ୟୁନିସେଫ ବିଭିନ୍ନ ସମୟରେ ଓଡିଶା ସରକାରଙ୍କୁ ଶିଶୁମାନଙ୍କ ସୁରକ୍ଷା ନିମନ୍ତେ ବୈଷୟିକ ସହାୟତା ଯୋଗାଇ ଦେଉଛନ୍ତି ।

ଅଙ୍ଗନୱାଡି ମାଧ୍ୟମରେ କରାଯାଉଥିବା ଆଦ୍ୱିକା କାର୍ଯ୍ୟକ୍ରମରେ କିଶୋର ଓ କିଶୋରୀମାନଙ୍କୁ ବିଭିନ୍ନ ଜୀବନ କୌଶଳ ଶିକ୍ଷା ଦିଆଯିବା ସହିତ ସେମାନଙ୍କୁ ବାଲ୍ୟ ବିବାହ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଆଦି ସମସ୍ୟାଗୁଡିକ ଉପରେ ମଧ୍ୟ ସଚେତନ କରାଯାଉଛି । ଓଡିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ କହିଥିଲେ ଆୟୋଗ ତରଫରୁ ଅନେକ ସମୟରେ ଅନେକ କର୍ମଶାଳା ସଚେତନତା କାର୍ଯ୍ୟକ୍ରମ ସମୀକ୍ଷା ଏବଂ ଯୋଜନାମାନ ପ୍ରସ୍ତୁତ କରାଯାଇ ସରକାରଙ୍କୁ ବିଭିନ୍ନ ସମୟରେ ପରାମର୍ଶ ଦେଉଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଦାଦନ ପରିବାରର ମହିଳାମାନେ କିପରି ଭଲରେ ପ୍ରବାସରେ ଯାଇ ଭଲରେ ଫେରିବେ ତାହା ଉପରେ ଏକ ପୋଷ୍ଟର ଉନ୍‌ମୋଚନ କରିଥିଲେ । ଏହି କର୍ମଶାଳାରେ ବଲାଙ୍ଗିର, ବୌଧ, ସୋନପୁର, ବରଗଡ, ନୂଆପଡା ଏବଂ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଧିକାରୀ ଯୋଗ ଦେଇ ନିଜର ମତାମତ ରଖିଥିଲେ । ଓଡିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଦିବ୍ୟ ଶାସ୍ୱତୀ ଅତିଥିମାନଙ୍କର ପରିଚୟ ଦେବା ସହିତ ସଭା ପରିଚାଳନା କରିଥିଲେ । ଆଜିର କର୍ମଶାଳାରୁ ବାହାରିଥିବା ବିଭିନ୍ନ ମତାମତ ଓଡିଶା ସରକାରଂକୁ ପ୍ରବାସୀ ଶ୍ରମିକ ପରିବାର ଶିଶୁମାନଙ୍କ ସୁରକ୍ଷା ପାଇଁ ଏକ ଦିଶା ନିର୍ଦେଶ ଦେବ ।

# ୧୧ ଦଫା ଦାବୀରେ ଆଶା କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ



ବରଗଡ଼, (ନିପ୍ର) : ଦୀର୍ଘ ୧୬ ବର୍ଷ ଧରି ଲୋକଙ୍କ ସେବା କରି ଆସୁଥିବା ବେଳେ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ତାଙ୍କ ପ୍ରତି ନ୍ୟାୟ ପ୍ରଦାନ କରିନାହାନ୍ତି । ମହାମାରୀ କରୋନା ସମୟରେ ମଧ୍ୟ ସେମାନେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିଛନ୍ତି । ତେବେ ତାଙ୍କ ଦରମା କି କୌଣସି ପ୍ରୋତ୍ସାହନ ସହାୟତା ଠିକ୍ ଭାବରେ ଦିଆଯାଉ ନାହିଁ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମେଚିଙ୍ଗ ଗ୍ରାଣ୍ଟରେ କେବଳ ମାସିକ ୩୫୦୦ ଟଙ୍କାରେ କାର୍ଯ୍ୟ କରୁଛନ୍ତି । ଯେଉଁଥିରେ ଆଜି ଚଳିବା ସମ୍ଭବପର ନୁହେଁ । ଏହାର ପ୍ରତିବାଦରେ ଆଜି ବରଗଡ଼ ଜିଲ୍ଲା ଆଶା କର୍ମୀ ସାମୁଖ୍ୟ ପକ୍ଷରୁ ୧୧ ଦଫା ଦାବୀରେ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ୧୧ ଦଫା ଦାବୀ ମଧ୍ୟରେ ଆଶା କର୍ମୀମାନଙ୍କୁ ସରକାରୀ ମାନ୍ୟତା ସହ ମାସିକ ୧୦ ହଜାର ଟଙ୍କା ଦରମା, ଆଶା କର୍ମୀମାନଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ୍ କରିବା, ଅବସରକାଳୀନ ୨ ଲକ୍ଷ ଟଙ୍କା ପ୍ରୋତ୍ସାହନ ସହାୟତା ଯୋଗାଇ ଦେବା, କରୋନା ମହାମାରୀ କାର୍ଯ୍ୟ ପାଇଁ ମାସିକ ୩ ହଜାର ଟଙ୍କା ପ୍ରଦାନ ଆଦି ଦାବୀ ରହିଥିଲା । ଏହି ଅବସରରେ ଆଶା କର୍ମୀ ସାମୁଖ୍ୟ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ବରଗଡ଼ ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ମାଝୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଜିଲ୍ଲା ସମ୍ପାଦିକା ସ୍ୱପ୍ନା ନନ୍ଦ, ପଶ୍ଚିମ ଓଡ଼ିଶା ସମ୍ପାଦିକା ରୀତା ବେହେରା ଏବଂ ପଶ୍ଚିମ ଓଡ଼ିଶା ସଂଯୋଜକ ସରୋଜ ଭୁୟାଁ ଉପସ୍ଥିତ ଥିଲେ ।

# ସରୋଜ କୁମାର ରଥ ହେଲେ ରାଜ୍ୟ କିଷାନ କଂଗ୍ରେସର ସାଧାରଣ ସଂପାଦକ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା କିଷାନ କଂଗ୍ରେସ କମିଟିର ଅନୁମୋଦନ କ୍ରମେ ଓଡିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଯୁବନେତା ସରୋଜ କୁମାର ରଥଙ୍କୁ ଓଡିଶା ପ୍ରଦେଶ କିଷାନ କଂଗ୍ରେସ ସାଧାରଣ ସଂପାଦକ ରୂପେ ନିଯୁକ୍ତି ପ୍ରଦାନ କରିଛନ୍ତି ।

ଶ୍ରୀ ରଥଙ୍କ ନିଯୁକ୍ତିରେ ଜିଲ୍ଲା କିଷାନ କଂଗ୍ରେସ ତୃଣମୂଳ ସ୍ତରରୁ ଆହୁରି ସୁଦୃଢ ହେବା ସହ ପ୍ରତ୍ୟେକ ସ୍ତରରେ ଚାଷୀଙ୍କ ସମସ୍ୟାକୁ ସଠିକ୍ ଭାବରେ ଉପସ୍ଥାପନ କରିବା ପାଇଁ ଆଶାବ୍ୟକ୍ତ କରିବା ସହ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କିଷାନ ସେଲ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ପ୍ରବକ୍ତା ସମରେନ୍ଦ୍ର ମିଶ୍ର, ଜିଲ୍ଲା କଂଗ୍ରେସ ସଭାପତି ଦିଲିପ ବେହେରା, ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଜିଲ୍ଲା କିଶାନ କଂଗ୍ରେସ କମିଟିର ସମସ୍ତ କର୍ମକର୍ତ୍ତା ଯଥା ରାଜ୍ୟ କିଶାନ କଂଗ୍ରେସ ସଂପାଦକ ଚଗଲା ପରିଚ୍ଛା, ସରୋଜ ପ୍ରଧାନ, ଗଗନ ନାଥ, ସାନ୍ତନୁ ସିଂହ, ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ଶ୍ରୀ ରଥଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ଖାଉଟି ପକ୍ଷରେ ପିପି ଏକାଡେମୀ ଛାତ୍ରମାନଙ୍କୁ ଖାଉଟି ସଚେତନତା କାର୍ଯ୍ୟକ୍ରମ



ବଲାଙ୍ଗିର, (ନିପ୍ର) : ଖାଉଟି ସଚେତନତା ପକ୍ଷ ପାଳନ ଅବସରରେ ଆଜି ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗିର ଶାଖା ପକ୍ଷରୁ ସ୍ଥାନୀୟ ପତିତପାବନ ଏକାଡେମୀର ଅଷ୍ଟମ ଓ ଦଶମ ଶ୍ରେଣୀ ଛାତ୍ରମାନଙ୍କୁ ନେଇ ଗ୍ରାହକ ସଚେତନତା ତାଲିମ କାର୍ଯ୍ୟକ୍ରମ ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାହକ ପଞ୍ଚାୟତର ଓଡିଶା ପଶ୍ଚିମ ଉପସଭାପତି ଶଶିଭୂଷଣ ପୁରୋହିତ ଛାତ୍ରମାନଙ୍କୁ ଖାଉଟି କଲ୍ୟାଣ ଯୋଜନାରେ ଥିବା ବ୍ୟବସ୍ଥା ସଂପର୍କରେ ବିଷଦ ଆଲୋଚନା କରିବା ସହ ଆଇନର ବ୍ୟବସ୍ଥା ତଥା ଏହାର ଉପଯୋଗ ସଂପର୍କରେ କହିଥିଲେ । ସଭାପତି ଶ୍ରୀ ଶତପଥି ଛାତ୍ରମାନଙ୍କୁ ଖାଉଟିର ସବୁ ଦିନ ସମନା କରୁଥିବା ଛୋଟ ଛୋଟ ସମସ୍ୟାର ସାମାଧାନ ଓ ଠକାମିରୁ ବଞ୍ଚିବା ପାଇଁ ସଚେତନତା ଉପରେ କହିଥିଲେ । ରାଜ୍ୟ ପ୍ରଚାର ପ୍ରସାଦ ପ୍ରମୁଖ ଇଂ. କିଶୋର ମୋହନ ମିଶ୍ର ଖାଉଟି ସମସ୍ୟା ଦୂରୀକରଣ ଓ ସଚେତନତା ଦିଗରେ ଗ୍ରାହକ ପଂଚାୟତ ନେଇଥିବା କାର୍ଯ୍ୟର ପଦକ୍ଷେପର ବିବରଣୀ ପ୍ରଦାନ ସହ ଆମେ କିପରି ଆମ କାମ ହାସଲ କରିପାରିବା ତାର ଉପାୟ କହିଥିଲେ । ଆରମ୍ଭରେ ଶିକ୍ଷକ ସୁନିଲ କୁମାର ବେହେରା ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମ ସଂପର୍କରେ ପ୍ରାକ୍ ସୂଚନା ଦେଇଥିଲେ । ସ୍କୁଲର ହେଡ ମାଷ୍ଟର ସିନୁ ସୁନ୍ଦର ପାଢୀ ତାଙ୍କର ବକ୍ତବ୍ୟରେ ପିଲାଙ୍କୁ ତାଙ୍କ ପାଇଁ ସଚେତନତା କାହିଁକି ଉପଯୋଗୀ ତା’ ଉପରେ କହିବା ସହ ଜ୍ଞାନ ଅର୍ଜନ ପାଇଁ ଜାଣିବାକୁ ମନଧ୍ୟାନ ଦେଲେ ଦୈନନ୍ଦିନ ଜୀବନରେ ତାହା ଉପଯୋଗୀ ହେବ ବୋଲି କହିଥିଲେ । ଶେଷରେ ସ୍କୁଲର ଶିକ୍ଷୟିତ୍ରୀ ଅଂଶୁକା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବରୁ ଭାରତମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ପୂଜନ କରାଯାଇଥିଲା ।

# ପୁଣି କଫ୍ ସିରପ୍ ମାଫିଆ ବଲାଙ୍ଗିର ପୋଲିସ ହାତରେ ଧରାପଡ଼ିଲେ : ବାଇକ୍ ସହ ୨୦୪ ବୋତଲ କଫ୍ ସିରପ୍ ଓ ନଗଦ ଟଙ୍କା ଜବତ, ୩ ଗିରଫ୍



ବଲାଙ୍ଗିର, (ନିପ୍ର) : ପୁଣି କଫ୍ ସିରପ୍ ମାଫିଆ ବଲାଙ୍ଗିର ଟାଉନ୍ ପୋଲିସ ହାତରେ ଧରାପଡ଼ିଛନ୍ତି । ଏସ୍‌ଡିପିଓ ତୋଫାନ ବାଗଙ୍କ ସୂଚନା ଅନୁସାରେ ଗତକାଲି ରାତି ୮ଟା ୩୫ମି. ସମୟରେ ସ୍ଥାନୀୟ ବରପାଲିପଡ଼ାରୁ ୨୦୪ ବୋତଲ କଫ୍ ସିରପ୍ ସହ ହୋଣ୍ଡା ଏକ୍ଟିଭା ବାଇକ୍ (ନଂ.ଓଡ଼ି ୦୩ ଏସ୍ ୦୫୯୬), ୩ ଲିଟର ଲୁଜ୍ କଫ୍ ସିରପ୍ ରହିଥିବା ଏକ ଜାର୍ ସହ ନଗଦ ୬ ହଜାର ୬୨୫ ଟଙ୍କା ଟାଉନ୍ ପୋଲିସ୍ ଜବତ କରିବା ସହ ବିଭୂତିପଡ଼ାର ସୁରଜ ମେହେର ଏବଂ ରାଜା ମେହେର ଓ ଇନ୍ଦିରାନଗରର ସରୋଜ ବିଶିକୁ ଗିରଫ୍ କରିଛି । ତେବେ ଗତକାଲି ବଲାଙ୍ଗିର ପୋଲିସ କଫ୍ ସିରପ୍ ଚୋରା ଚାଲାଣ ମାମଲାରେ ୪ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଏବେ ପୁଣି ୩ ଜଣଙ୍କୁ ଆଜି କୋର୍ଟ ଚାଲାଣ କରିବ । ପୋଲିସର ଏଭଳି ତନାଘନା ପଦକ୍ଷେପ ଯୋଗୁଁ କଫ୍ ସିରପ୍ ମାଫିଆଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିବା ଚର୍ଚ୍ଚା ସହରରେ ଜୋର୍ ଧରିଛି ।

# ପି.ପି. ଏକାଡେମୀର ପ୍ରତିଷ୍ଠାତା ସ୍ୱର୍ଗତ ଚକ୍ରଧର ପଣ୍ଡାଙ୍କର ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍‌ମୋଚିତ



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ପି.ପି.ଏକାଡେମୀ ବଲାଙ୍ଗିର ପରିସର ମଧ୍ୟରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଚକ୍ରଧର ପଣ୍ଡାଙ୍କର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ଚନ୍ଦ୍ର ମେହେର ଯୋଗ ଦେଇ ପ୍ରତିମୂର୍ତ୍ତିର ଉନ୍‌ମୋଚନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିନୁ ସୁନ୍ଦର ପାଢୀ, ବରିଷ୍ଠ ଶିକ୍ଷକ ସୁନିଲ କୁମାର ବେହେରା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ର ତଥା ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ । ସ୍ୱର୍ଗତ ଚକ୍ରଧର ପଣ୍ଡାଙ୍କ ପୁତ୍ର ସନ୍ତୋଷ ପଣ୍ଡା ଉକ୍ତ ପ୍ରତିମୂର୍ତ୍ତିକୁ ପ୍ରଦାନ କରିଥିଲେ । ପ୍ରତିମୂର୍ତ୍ତି ଉନ୍‌ମୋଚନ ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିନୁ ସୁନ୍ଦର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ୱର୍ଗତ ଚକ୍ରଧର ପଣ୍ଡାଙ୍କ ଜୀବନୀ ଉପରେ ସମସ୍ତେ ଆଲୋକପାତ କରିଥିଲେ । ଏହି ସଭାରେ ସନ୍ତୋଷ ପଣ୍ଡା ଓ ତାଙ୍କ ସହଧର୍ମିଣୀ ପଙ୍କଜିନୀ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରମାନେ ଯୋଗ ଦେଇଥିଲେ । ଶେଷରେ ଶିକ୍ଷୟିତ୍ରୀ ଝୁନୁଲତା ସାବତ ଧନ୍ୟବାଦ ଦେଇଥିଲେ ।

# ଦରହ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ



ଢେଙ୍କାନାଳ, (ନିପ୍ର) : ଆଜି ଢେଙ୍କାନାଳ ଜିଲ୍ଲାର ଉପାନ୍ତ ବନଭୂମି ଅଞ୍ଚଳରେ ଥିବା ବେଗା, ଲାଉଲେଇ, ଖଂକୀରାଗ୍ରାମ ପଞ୍ଚାୟତରେ କୃଷିର ଉନ୍ନତି ପାଇଁ ଦୀର୍ଘ ବର୍ଷରୁ ଅଭିଳାଷ ଥିବା ଦରହ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଶୁଭାରମ୍ଭ ଆଜି ବିଧାୟକ ଢେଙ୍କାନାଳ ସୁଧୀର ସାମଲଙ୍କ ଦ୍ୱାରା କରାଯାଇଅଛି । ଏହି ପ୍ରକଳ୍ପ ଦ୍ୱାରା ଅଂଚଳର ଅନେକ ଉନ୍ନତି ସାଧିତ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି ।

# ବଲାଙ୍ଗିର ପୃଥ୍ୱୀରାଜ ହାଇସ୍କୁଲରେ ଅଷ୍ଟମରୁ ଦଶମ ଛାତ୍ରଙ୍କୁ ନେଇ ଗ୍ରାହକ ଜାଗରଣ ପକ୍ଷରେ ସଚେତନତା କାର୍ଯ୍ୟକ୍ରମ



ବଲାଙ୍ଗିର, (ନିପ୍ର) : ଖାଉଟି ଜାଗରଣ ପକ୍ଷ ପାଳନ ଅବସରରେ ଆଜି ପୃଥ୍ୱୀରାଜ ହାଇସ୍କୁଲ ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରମାନଙ୍କୁ ନେଇ ଖାଉଟି ସଚେତନତା ଉପରେ ତାଲିମ ଦିଆଯାଇଥିଲା । ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗିର ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥିଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ଶିଶିଭୂଷଣ ପୁରୋହିତ ଉପସ୍ଥିତ ରହି ଶିକ୍ଷକ ଓ ଛାତ୍ରମାନଙ୍କୁ ଆଇନରେ ଖାଉଟିମାନଙ୍କ ପାଇଁ ଥିବା ବ୍ୟବସ୍ଥାର ସୂଚନା ଦେଇ ଆମେ କିପରି ଏହାକୁ ଉପଯୋଗ କରିବା ପାରିବା ତାହା ସେ କହିଥିଲେ । ନୂତନ ପରିବର୍ତ୍ତିତ ଆଇନରେ ବିନା ଖର୍ଚ୍ଚ କରି ବିନା ଓକିଲ ସହାୟତାରେ ନିଜର ହକ୍ କ୍ଷତିପୂରଣ ପାଇପାରିବ ବୋଲି ସେ କହିଥିଲେ । ରାଜ୍ୟ ପ୍ରଚାର ପ୍ରସାର ପ୍ରମୁଖ ଇଂ. କିଶୋର ମୋହନ ମିଶ୍ର ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର କାର୍ଯ୍ୟଶୈଳୀ କହିବା ସହ ସଭ୍ୟମାନେ ଜିଲ୍ଲାର ଓ ସମାଜର ଉନ୍ନତିକରଣ ଦିଗରେ କିପରି ସହାୟକ ହୋଇ ପାରିଛନ୍ତି ତାହାର ବିବରଣୀ ଦେଇଥିଲେ । ଘର ପରିବାର ଖାଉଟି କାମରେ ସଚେତନତା କାହିଁକି ଆବଶ୍ୟକ ରହିଛି ତାହା ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ଶ୍ରୀ ଶତପଥି । ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସନ୍ତୋଷିନୀ ସେଠି ତାଙ୍କର ବକ୍ତବ୍ୟରେ ଖାଉଟି ସଚେତନ ରହିଲେ ଆମେ ଦୈନନ୍ଦିନ ଜୀବନରେ ପଦେ ପଦେ ସୁରକ୍ଷିତ ରହିପାରିବା ଏ ଦିଗରେ କାମ କରୁଥିବା ପଞ୍ଚାୟତର ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଉପାଦେୟ ବୋଲି କହିଥିଲେ । ଆରମ୍ଭରେ ଶିକ୍ଷକ ରାମ ଗୋପାଳ ଖମାରୀ ଶର୍ମା ସ୍ୱାଗତ ଭାଷଣରେ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ । ଛାତ୍ର ସୋମନାଥ ମହାଣା ବୈଠକ ଦ୍ୱାରା ସେ କିପରି ସଚେତନ ହେଲେ କ'ଣ ଜାଣିଲେ ତାହା ବର୍ଣ୍ଣନା କରିଥିଲେ । ଆରମ୍ଭରେ ସ୍ୱାମୀ ବିବେକାନନ୍ଦ ଭାରତ ମାତାଙ୍କ ପୂଜନ ପରେ ଓଁକାର ଧ୍ୱନିରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ

ବଲାଙ୍ଗିର, (ନିପ୍ର) : ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ସ୍କୁଲ ଅଫ୍ ଆପଲାଏଡ୍ ସାଇନ୍ସ ତରଫରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସେମିନାର କକ୍ଷରେ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଦୀପ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଶକ୍ତି ସଂରକ୍ଷଣ ସଚେତନା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଭାକାର୍ଯ୍ୟ ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ସଭାକୁ ଛାତ୍ରୀ ଶୁଭଦର୍ଶିନୀ ହୋତା ପରିଚାଳନା କରିଥିଲେ । ମଞ୍ଚରେ ଅତିଥି ଭାବେ ଡ଼ଃ ନିଳୟ କୁମାର ମହାନ୍ତି, ଡ଼ଃ ଆଶିଷ କୁମାର ଷଡ଼ଙ୍ଗୀ, ଡ଼ଃ ଜୟକୃଷ୍ଣ ମେହେର ଏବଂ ଅଧ୍ୟାପିକା ଅଙ୍କିତା ସୁଭ୍ରସ୍ମିତା ଗଡତ୍ୟା ଯୋଗଦାନ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସକାଳୁ ପ୍ରଥମେ ଛାତ୍ରଛାତ୍ରୀମାନେ ଶକ୍ତି ସଂରକ୍ଷଣ ସଚେତନତା ଉପରେ ଏକ ରାଲି ଆୟୋଜନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଶୁଭଦର୍ଶିନୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକାମାନେ ସହଯୋଗ କରିଥିଲେ ।






# ବଲାଙ୍ଗିର ସହରର କୁଖ୍ୟାତ ଅପରାଧୀ ଗରିବ ପାଣ୍ଡେର ଶବ ଉଦ୍ଧାର ଘଟଣା : ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିରର ସହରର କୁଖ୍ୟାତ ଅପରାଧୀ ଗରିବ ପାଣ୍ଡେର ଶବ ଉଦ୍ଧାର ଘଟଣାକୁ ନେଇ ଏବେ ମୁହଁ ଖୋଲିଛନ୍ତି ପରିବାର ଲୋକେ । ତେବେ ଏହି ଘଟଣାକୁ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଅନ୍ୟପଟେ ପରିବାର ଲୋକଙ୍କ କହିବାନୁଯାୟୀ ଗରିବକୁ ହତ୍ୟା କରାଯାଇଛି । ସହରର ଇନ୍ଦିରାନଗର ପଡାରେ ଥିବା ଗରିବର ଘରକୁ ଗତ ୧୩ ତାରିଖ ଦିନ ଦୁଇ ଜଣ ଯୁବକ ଆସି ଗରିବକୁ ଡାକି ନେଇଥିଲେ । ପରେ ଗରିବକୁ ତାର ପରିବାର ଲୋକେ ଫୋନ ଯୋଗେ ଯୋଗଯୋଗ କରିବାରୁ ତାର ମୋବାଇଲ ଫୋନ୍ ସୁଇଚ୍ଅଫ୍ ଆସିଥିବା ବେଳେ ବୁଧବାର ଦିନ ତାର ଶବକୁ ତୁଷୁରା ତେଲନଦୀ ପୋଲ ନିକଟରୁ ପୋଲିସ ଉଦ୍ଧାର କରିଥିଲା । ପରିବାର ଲୋକେ ଶବକୁ ଚିହ୍ନଟ କରିବା ପରେ ପୋଲିସ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ତେବେ ଗରିବର ମୁଣ୍ଡ ଓ ବେକରେ କ୍ଷତ ଚିହ୍ନ ଥିବା ଲକ୍ଷ କରି ପରିବାର ଲୋକେ ଗରିବକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ, ବଲାଙ୍ଗିର ଟାଉଥାନାରେ ମୃତ ଗରିବର ନାମରେ ଅନେକ ଅପରାଧିକ ମାମଲା ରହିଥିବା ବେଳେ ତୁଷୁରା ଥାନାରେ ଡକାୟତି ମାମଲା ବି ରହିଛି । ପୁଲିସର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ମଧ୍ୟ ଗରିବର ନାମ ରହିଥିବା ଜଣାପଡିଛି । ତେବେ ଏହି ଘଟଣାକୁ ନେଇ ସହରରେ ଜୋର ଚର୍ଚ୍ଚା ଧରିଥିବା ବେଳେ ପୋଲିସ ତଦନ୍ତ ଜାରି ରହିଛି ।

# ବିଶିଷ୍ଟ ସଂଗଠକ ହରିନାରାୟଣ ପୂଜାରୀ ବିସିସିଆଇରେ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ମାଟିର ବିଶିଷ୍ଟ ସଂଗଠକ, ବଲାଙ୍ଗିର ଜିଲ୍ଲା ସାଂବାଦିକ ସଂଘର ସଭାପତି ତଥା ଡିଡିଏର ସାଧାରଣ ସଂପାଦକ ହରିନାରାୟଣ ପୂଜାରୀ ବିସିସିଆଇରେ ସ୍ଥାନ ପାଇ ବଲାଙ୍ଗିରବାସୀଙ୍କ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି ।

ବିସିସିଆଇର ଟୁର୍, ଫିକ୍ସର ଆଣ୍ଡ ଟେକ୍ନିକାଲ କମିଟିରେ ଶ୍ରୀ ପୂଜାରୀଙ୍କୁ ନିଯୁକ୍ତି କରାଯାଇଥିବା ବେଳେ ବଲାଙ୍ଗିର ମାଟିର କ୍ରୀଡ଼ାପ୍ରେମୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ବଲାଙ୍ଗିର କ୍ରିକେଟ୍ ଜଗତ ପାଇଁ ଏହା ଏକ ଅତ୍ୟନ୍ତ ଗର୍ବର ବିଷୟ ବୋଲି ତାଙ୍କ ପ୍ରଶଂସକମାନେ ମତ ଦେଇଛନ୍ତି ।

# ବିଜୁ ଜନତା ଦଳ ତରଫରୁ କମ୍ବଳ ବଣ୍ଟନ



ବଲାଙ୍ଗିର, (ନିପ୍ର) : ଗତକାଲି ବଲାଙ୍ଗିର ସହରରେ ଯୁବ ନେତା ଅର୍କେଶ ନାରାୟଣ ସିଂଦେଓଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର କର୍ମକର୍ତ୍ତାମାନେ ବୁଲି ବୁଲି ଅସହାୟ ଲୋକଙ୍କୁ ରାତି ସମୟରେ କମ୍ବଳ ବାଣ୍ଟିଥିଲେ ଏବଂ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ । ଏଥିରେ ବିଜେଡିର କର୍ମକର୍ତ୍ତା ଅସରଫ୍ ଖାନ, ଅଶୋକ ମିଶ୍ର, ରାମ ନାୟକ, ସମିର କୁମ୍ଭାର, ରବି ଖମାରି, କିଶୋର କୁମ୍ଭାର, ସୋନୁ ଖାନ, ଶମ୍ଭୁ ଚୋପଦାର, ନିତେଷ ପୋଡ, ବାବୁ ସ୍ୱାଇଁ ଓ ମହେଶ ବଗର୍ତ୍ତୀ ଯୋଗଦାନ କରିଥିଲେ ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu